## ଆଜି କ'ଣ କେଉଁଠି

ସମ୍ବଲପୁର

- ଶୀତଳଷଷ୍ଠୀ ଯାତ୍ରା ଶାନ୍ତି ଓ ସମନ୍ୱୟ କମିଟି ବୈଠକ, ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ଦେବାଶିଷଙ୍କୁ କାଂସ୍ୟ ପଦକ

**ରାଉରକେଲା ଅଫିସ,୧୭।୫:** ଛତିଶଗଡ ଡଲିରାସ୍ରାଠାରେ ଆୟୋଜିତ ଜାତୀୟ ଶକ୍ତି ଉତ୍ତୋଳନରେ ରାଉରକେଲାର ଦେବାଶିଷ ଦେ ଭାଗ ନେଇ କାଂସ୍ୟ ପଦକ ହାସଲ କରିଛନ୍ତି। ଦେବାଶିଷ ଏହି ପ୍ରତିଯୋଗିତାର ଜୁନିୟର ବର୍ଗରେ ୭୪ କେ.ଜି ଶକ୍ତି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ସେ ଶକ୍ତି ଉତ୍ତୋଳନରେ ଜାତୀୟ ସ୍ତରରେ ବହୁବାର ରାଉରକେଲା ତଥା ରାଜ୍ୟ ପାଇଁ ସଫଳତା ଆଣିଛନ୍ତି। ଏହି ସଫଳତା ପାଇଁ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ନାବାଳିକାଙ୍କୁ ବଳାତ୍କାର, ନାବାଳକ ଗିରଫ

**ରାଉରକେଲା ଅଫିସ,୧୭।୫:** ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଟାଙ୍ଗରପାଲି ପୋଲିସ ବ୍ରିଟାନିଆ କଲୋନୀର ଜଣେ ୧୪ବର୍ଷର ନାବାଳକଙ୍କୁ ଗିରଫ କରିଛି। ମଙ୍ଗଳବାର ବ୍ରିଟାନିଆ କଲୋନୀର ଉକ୍ତ ନାବାଳିକା (୭ବର୍ଷ) ଘର ପାଖରେ ଖେଳୁଥିବା ସମୟରେ ନାବାଳକ ଜଣଙ୍କ ତାଙ୍କୁ ଚକୋଲେଟ ଦେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୭୪।୨୨) ରୁଜୁ କରି ଉକ୍ତ ନାବାଳକଙ୍କୁ କୋର୍ଟଚାଲାଣ କରିଛି।

### ରଥଯାତ୍ରା ପ୍ରସ୍ତୁତି ବୈଠକ

**ରାଉରକେଲା ଅଫିସ,୧୭।୫:** ରାଉରକେଲା ସେକ୍ଟର-୫ ଗୁଣ୍ଡିଚା ମନ୍ଦିର ପରିସରରେ ଗୁଣ୍ଡିଚା ମନ୍ଦିର ଟ୍ରଷ୍ଟର ପୂର୍ବତନ ସଭ୍ୟ ଆନନ୍ଦ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଆଗାମୀ ରଥଯାତ୍ରାକୁ କିଭଳି ସୁରୁଖୁରୁରେ ପରିଚାଳନା କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ବରିଷ୍ଠ ସଭ୍ୟ ହରିହର ରାଉତରାୟଙ୍କ ଅଧ୍ୟକ୍ଷତାରେ ଏକ ପରିଚାଳନା କମିଟି ସର୍ବସମ୍ମତି କ୍ରମେ ଗଠନ କରାଯାଇଥିଲା। ଉକ୍ତ କମିଟିରେ ନାରାୟଣ ପତି, ବିନୋଦ ଅଗ୍ରୱାଲ, ଭରତ ମିଶ୍ର, ଯଯାତି ସିଂ, କାହ୍ନୁ ଚରଣ ପଣ୍ଡା, ପ୍ରବୀର କୁମାର ସାହୁ, ଗଣେଶ୍ୱର ଓଝା, ସୁଧୀର ସାହୁ, ଦିଲୀପ ରାଉତ, ମନୋଜ ସ୍ୱାଇଁ, ଅମୂଲ୍ୟ ବରାଳ, ସୁନା ସ୍ୱାଇଁ, ମୁରଲୀଧର ପାଣିଗ୍ରାହୀଙ୍କୁ ସଭ୍ୟ ଭାବେ ଚୟନ କରାଯାଇଛି।

### ଷ୍ଟିଲ୍ ସିଟିରେ ଅଗ୍ନି ସୁରକ୍ଷା ଯାଞ୍ଚ ଆରମ୍ଭ

**ରାଉରକେଲା ଅଫିସ,୧୭।୫:** ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ରାଉରକେଲାରେ ଥିବା ବିଭିନ୍ନ ହୋଟେଲ, ଡାକ୍ତରଖାନା, ଶପିଂ ମଲ୍‌ରେ ମଙ୍ଗଳବାର ଅଗ୍ନି ସୁରକ୍ଷା ଯାଞ୍ଚ କରାଯାଇଛି। ଯାଞ୍ଚ ସମୟରେ ସମସ୍ତଙ୍କୁ ଅଗ୍ନି ସୁରକ୍ଷା ନିରାପତ୍ତା ଉପରେ ଅବଗତ କରାଯାଇଥିଲା। ଯେଉଁ ସ୍ଥାନରେ ତ୍ରୁଟି ଦେଖା ଦେଇଥିଲା ସେଠାରେ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ରାଜ୍ୟ ଅଗ୍ନିଶମ ବିଭାଗକୁ ଆସନ୍ତା ୨୧ ତାରିଖ ସୁଦ୍ଧା ସହରରେ ହୋଇଥିବା ବିଭିନ୍ନ ଅନୁଷ୍ଠାନ ଓ ବ୍ୟବସାୟ କେନ୍ଦ୍ରର ଅଗ୍ନି ସୁରକ୍ଷା ବ୍ୟବସ୍ଥା ଉପରେ ରିପୋର୍ଟ ପ୍ରଦାନ କରାଯିବ ବୋଲି ଆଇସିଏଫ୍‌ଓ ଦୀପକ କୁମାର ଜେନା ସୂଚନା ଦେଇଛନ୍ତି। ଯାଞ୍ଚ ସମୟରେ ଓଡ଼ିଶା ଅଗ୍ନିଶମ ବିଭାଗ ରାଉରକେଲା ଶାଖାର ଏମ୍. ଲୁହାର, ରମେଶ ପ୍ରଧାନ, ବିଶିକେଶନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍ୟୁ କୁଳପତିଙ୍କ ନାମରେ ଏତଲା

**ଲ-କଲେଜରେ ଆର୍ଥିକ ଅନିୟମିତତା**
- ଆଲୁମ୍ନି ସଂଘ ଓ ଜିଲା ଓକିଲ ସଂଘର ଅଭିଯୋଗ
- ଅଭିଯୋଗକୁ ଖଣ୍ଡନ କଲେ କୁଳପତି

ସମ୍ବଲପୁର,୧୭।୫(ବ୍ୟୁରୋ)

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍ୟୁ) କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କ ନାମରେ ମଙ୍ଗଳବାର ଧନୁପାଲି ଥାନାରେ ଅଭିଯୋଗ ହୋଇଛି। ଲଜପତ୍ ରାୟ ଆଇନ କଲେଜରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ କଲେଜର ଆଲୁମ୍ନି ସଂଘ ଓ ଜିଲା ଓକିଲ ସଂଘ ପକ୍ଷରୁ କୁଳପତି ମିତ୍ତଲଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଛି।

ଉଭୟ ସଂଘର କର୍ମକର୍ତ୍ତାଙ୍କ ଅଭିଯୋଗ କ୍ରମେ କୁଳପତି ଭାବେ ମିତ୍ତଲ ଯୋଗଦାନ କରିବା ପରେ ଏସ୍ୟୁରେ ବ୍ୟାପକ ଅନିୟମିତତା ହେଉଛି। କିଛିମାସ ପୂର୍ବରୁ ସେ କଲେଜ ଟଙ୍କା ବିଶ୍ୱବିଦ୍ୟାଳୟ ଜମାଖାତାକୁ ଟ୍ରାନ୍ସଫର ଉଦ୍ୟମ କରିଥିଲେ। ଏହାକୁ ପୂର୍ବତନ କଲେଜ ଅଧ୍ୟକ୍ଷ ବିରୋଧ କରିବାରୁ ତାଙ୍କୁ ବଦଳି କରି ଆଉ ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କୁ ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେଇଥିଲେ। ନୂତନ ଅଧ୍ୟକ୍ଷ ନିଯୁକ୍ତି ପରେ କଲେଜର ୬୨ ଲକ୍ଷ ୭୦ ହଜାର ଟଙ୍କା ବିଶ୍ୱବିଦ୍ୟାଳୟ ଜମାଖାତାକୁ ଟ୍ରାନ୍ସଫର କରିନେଇଛନ୍ତି। ଏହି ଟଙ୍କା ଲଜପତ୍ ରାୟ କଲେଜରେ ପ୍ରାୟ ୧୦ ବର୍ଷରେ କଲେଜ ଫି, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମ ଓ ଲାଇବ୍ରେରି ଫି ବାବଦରେ ଛାତ୍ରୀଛାତ୍ରଙ୍କଠାରୁ ଆଦାୟ ହୋଇଥିଲା। ଏତେ ପରିମାଣ ଟଙ୍କାର ଆସୁଥିବା ସୁଧ କଲେଜକୁ ଲାଭ ହେଉଥିଲା। ଏ ନେଇ ପୂର୍ବରୁ କୁଳପତି ମିତ୍ତଲଙ୍କୁ ଟଙ୍କା ଫେରାଇବାକୁ ଅନୁରୋଧ କରାଯାଇଥିଲା। ହେଲେ ସେ ନିଜ ଜିଦରେ ଅଟଳ ରହି ଜମାଖାତାକୁ ଟଙ୍କା ନେଇଗଲେ। ତେଣୁ ବାଧ ହୋଇ ଥାନାର ଦ୍ୱାରସ୍ଥ ହେବାକୁ ପଡିଲା। ପୋଲିସ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଏହାଛଡ଼ା ବିଭିନ୍ନ ସମୟରେ ଆଇନ କଲେଜରେ କାର୍ଯ୍ୟରତ ଅଧିକାରୀ, ଅଧ୍ୟାପକ, କର୍ମଚାରୀଙ୍କୁ ସେ ମନଇଚ୍ଛା ବଦଳି କରି କଲେଜକୁ ଏକପ୍ରକାର ପଙ୍ଗୁ କରିଦେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଥାନାରେ ଏତଲା ଦେବା ସମୟରେ ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ଆଲୁମ୍ନି ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ପୂର୍ବତନ ସଭାପତି ଡ. ପ୍ରମୋଦ କୁମାର ରଥ, ରବି ନାରାୟଣ ପୂଜାରୀ, ଜିତେନ୍ଦ୍ରିୟ ପ୍ରଧାନ, ପ୍ରମୋଦ ସରାଫ, ଦୁର୍ଗା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ କଲେଜରେ ଆର୍ଥିକ ଅନିୟମିତତା ନେଇ ଅଭିଯୋଗ ହୋଇଥିବା ଧନୁପାଲି ଥାନା ଅଧିକାରିଣୀ ଅନିତା ପ୍ରଧାନ କହିଛନ୍ତି। ଏ ସମ୍ପର୍କରେ କୁଳପତି ମିତ୍ତଲଙ୍କୁ ପଚାରିବାରୁ ସେ କହିଥିଲେ, କୌଣସି ଅନିୟମିତତା ହୋଇନାହିଁ। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏସ୍ୟୁକୁ ବଦ୍‌ନାମ କରିବାକୁ ଚେଷ୍ଟା କରୁଛନ୍ତି। ଅବହେଳିତ ଆଇନ କଲେଜର ବିକାଶ ପାଇଁ ଦାବି ହୋଇଆସୁଥିଲା। ତେଣୁ କଲେଜରେ ଥିବା ୬୨ ଲକ୍ଷ ଟଙ୍କା ଏସ୍ୟୁ ଖାତାରେ ଜମା କରିଛି। ଏସ୍ୟୁର ମଧ ୧ କୋଟି ୫୦ ଲକ୍ଷ ଟଙ୍କା ଜମା କରିଛି। ପ୍ରଶାସନିକ କୋଠା ଓ ଭିତ୍ତିଭୂମି ବିକାଶ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ଶୀଘ୍ର କାମ ଆରମ୍ଭ ହେବ। ଏପରି ସମୟରେ ବିରୋଧ କରିବା ଆଶ୍ଚର୍ଯ୍ୟ ଲାଗୁଛି। ଏହା ହେଲେ ବିକାଶ କାମ ହୋଇପାରିବ ନାହିଁ ବୋଲି ମିତ୍ତଲ କହିଥିଲେ।



ଧନୁପାଲି ଥାନା ଅଧିକାରିଣୀଙ୍କୁ ଅଭିଯୋଗ ପତ୍ର ଦେଉଛନ୍ତି ସଂଘ କର୍ମକର୍ତ୍ତା।

## ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠା ଦିବସ

ସମ୍ବଲପୁର,୧୭।୫(ବ୍ୟୁରୋ)

ବିଶ୍ୱାତ୍ମ ଚେତନା ପରିଷଦର ୩୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସମ୍ବଲପୁର ଝାଡୁଆପଡାସ୍ଥିତ ସମନ୍ୱୟ କୁଟୀରଠାରେ ପାଳିତ ହୋଇଯାଇଛି। ପରମେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ଶ୍ରୀଲତା ମିଶ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ ନନ୍ଦକିଶୋର ମିଶ୍ର ପରିଷଦର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରଗଡ଼ର ପଣ୍ଡିତ ଦୀପକ ଦାଶ ଓ ତାଙ୍କ ସହଯୋଗୀ ଲଳିତ ତ୍ରିପାଠୀଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା । ନନ୍ଦକିଶୋର ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସ୍ୱାଗତିକା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ଯତୀନ୍ଦ୍ର ମୋହନ ପୂଜାରୀ, ଡା. ସୁରେନ୍ଦ୍ର ପଣ୍ଡା, ଅଚ୍ୟୁତାନନ୍ଦ ତ୍ରିପାଠୀ, ବିମଳ ପାଣ୍ଡିଆ, ଦେବଯାନୀ ମିଶ୍ର, ନଳିନୀ ବାବୁ ପ୍ରମୁଖ ଯୋଗ ଦେଇଥିଲେ।

## ଯୁବକଙ୍କ ଗଳିତ ମୃତଦେହ ଜବତ

**ମୃତ୍ୟୁର କାରଣ ଅସ୍ପଷ୍ଟ**

କୁଆଁରମୁଣ୍ଡା,୧୭।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କାଲୋସିହିରିଆ ପଞ୍ଚାୟତର ଲୁଚାବାହାଲ ଗ୍ରାମ ନିକଟସ୍ଥ ଏକ ଖାଲରୁ ମଙ୍ଗଳବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରାଯାଇଛି । ମୃତକ ହେଲେ ରୋହିତ ସନମାସୀ (୨୨) । ମୃତ୍ୟୁର କାରଣ ଜଣାପଡିନାହିଁ । ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ ୧୪/୨୨) ରୁଜୁ କରି ତଦନ୍ତ ଚଳାଇଛି । ପୋଲିସ ସୂଚନା ଅନୁସାରେ ଗତ ବୁଧବାର ରାଉରକେଲା ଖେରିଆବାହାଲ ଅଞ୍ଚଳର ଗୋପାଳ ସନମାସୀଙ୍କ ପୁଅ ରୋହିତ ଓ ଖେରିଆବାହାଲର ଅନ୍ୟ କେତେଜଣ ଲୋକ କୁଣିଆ ଭାବେ ଲୁଚାବାହାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଆସିଥିଲେ। ହେଲେ ରୋହିତ ସେଠାରୁ କୁଆଡେ ବୁଲିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ । ତେଣୁ ସେଠାକୁ ଯାଇଥିବା କୁଣିଆ ଖେରିଆବାହାଲ ଫେରି ଯାଇଥିଲେ । ଏହାର ଏକ ସପ୍ତାହ ପରେ ରୋହିତଙ୍କ ମୃତଦେହ ଲୁଚାବାହାଲ ଗ୍ରାମର ସେହି ବ୍ୟକ୍ତିଙ୍କ ଘର ପାଖ ଏକ ଖାଲରେ ପଡିଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି ।

# ବେଆଇନ ବାଲି ଚାଲାଣ ପ୍ରତିବାଦରେ ବିକ୍ଷୋଭ

ରାଉରକେଲା ଅଫିସ,୧୭।୫

ରାଉରକେଲା ଭାଜପା ନଦୀ ସୁରକ୍ଷା ସମିତି ପକ୍ଷରୁ ଉଦିତନଗର ସ୍ଥିତ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ରାହ୍ମଣୀ ନଦୀରୁ ବେଆଇନ ବାଲି ଚାଲାଣ ପ୍ରତିବାଦରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉପଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

ଦଳର ଅଭିଯୋଗ ଅନୁସାରେ, ରାଉରକେଲା ସହର ଦେଇ ବହିଯାଇଥିବା ବ୍ରାହ୍ମଣୀ ନଦୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି। ଏହି ନଦୀର ଜଳ ପାନୀୟ ଅନୁପଯୋଗୀ ଏବଂ ସ୍ନାନ ପାଇଁ ଅସ୍ୱାସ୍ଥ୍ୟକର ହୋଇ ପଡ଼ିଲାଣି। ସେହିପରି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରି ବାଲି ପରିବହନକାରୀମାନଙ୍କୁ ଲାଇସେନ୍ସ ଦିଆଯାଉଛି। ମେଶିନ ସାହାଯ୍ୟରେ ବାଲି ଖୋଳା ଯୋଗୁ ନଦୀର ପୋଲ ହେଉଛି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନ ହେଲେ ଭାଜପା ନଦୀ ସୁରକ୍ଷା ସମିତି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ବେଳେ ନଦୀ ସୁରକ୍ଷା ସମିତି ପକ୍ଷରୁ ଜଗବନ୍ଧୁ ବେହେରା, ପ୍ରଦୀପ ସାହୁ, ଲତିକା ପଟ୍ଟନାୟକ, କେଦାର ମହାନ୍ତି, ଅଭୟ ବେହେରା, ବିନ୍ଦର ସିଂହ, ହିରୋଜ କୁମାର ରାୟ, ଜିତେନ୍ଦ୍ର କୁମାର ସିଂ, ଶଙ୍କର ଜେନା, ପ୍ରବାଳ ରଞ୍ଜନ ବାରିକ, ଜଗନ୍ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ନାରଦ ଜୟନ୍ତୀ

କୁଚିଣ୍ଡା,୧୭।୫(ଡି.ଏନ.ଏ.)

ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ)ସମ୍ବଲପୁର ଶାଖା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ କୁଚିଣ୍ଡା ଆଦିବାସୀ ଭବନଠାରେ ନାରଦ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ସଂଘ ସଭାପତି ହିମାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ବଲପୁର ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ମୁଖ୍ୟଅତିଥି, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାଜକିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ବ୍ରହ୍ମାଣ୍ଡର ଆଦ୍ୟ ତଥା ଶ୍ରେଷ୍ଠ ସାମ୍ବାଦିକ ଭାବେ ଦେବର୍ଷି ନାରଦଙ୍କୁ ଅଭିହିତ କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ବୁଦ୍ଧଦେବ ମହାପାତ୍ର, ବିରଞ୍ଚି ନାରାୟଣ ଦର୍ଶା ଓ ସନ୍ତୋଷ ଶୁକ୍ଳାଙ୍କୁ ନାରଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଜିଲା ସଂଘର ଉପଦେଷ୍ଟା ସୁବାସ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ଦାନି ସ୍ୱାଗତ ଭାଷଣ ପ୍ରଦାନ କରି ଖବରଦାତାଙ୍କ ସମସ୍ୟା ଓ ଏହାର ନିରାକରଣ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆହ୍ୱାନ କରିଥିଲେ। ସାଧାରଣ ସମ୍ପାଦକ ସରୋଜ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଡା. ରାଜାରାମ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।



ଖବରଦାତାଙ୍କୁ ସମ୍ମାନିତ କରୁଛନ୍ତି ଅତିଥି।

# ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ଝରାଗୋଗୁଆରେ ନିର୍ମିତ ଟାୱାର କାର୍ଯ୍ୟକ୍ଷମ ଦାବି**



ଦାବିପତ୍ର ପ୍ରଦାନ ଅବସରରେ ବିଜେଡି କର୍ମକର୍ତ୍ତା।

ଦେବଗଡ଼,୧୭।୫(ଡି.ଏନ.ଏ)

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ମୋବାଇଲ ଟାୱାର ନାହିଁ ତ ଭୋଟ ନାହିଁ ଦାବିରେ ଦେବଗଡ଼ ଜିଲାର ତିଲେଇବଣି ବ୍ଲକ ଡିମିରିକୁଦା, ଗଣ୍ଡମ, ଝରାଗୋଗୁଆ, ପାରପୋଷି, ଝାରମୁଣ୍ଡା ପଞ୍ଚାୟତବାସୀ ଭୋଟ ବର୍ଜନ ନିଷ୍ପତ୍ତି ନେଇଥିଲେ। ସେହି ସମୟରେ ବିଜେଡି ପକ୍ଷରୁ ଟାୱାର ବସାଇବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାସହିତ ଝରାଗୋଗୁଆଠାରେ ଏକ ଟାୱାର ବସାଯାଇଥିଲା। ଏହାପରେ ୫ ପଞ୍ଚାୟତବାସୀ ଭୋଟରେ ସାମିଲ ହୋଇଥିଲେ। ମାତ୍ର ପରିତାପର ବିଷୟ, ଝରାଗୋଗୁଆଠାରେ ନିର୍ମିତ ଟାୱାର ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇପାରିନାହିଁ। ସେହିପରି ଡିମିରିକୁଦା ଓ ପାରପୋଷି ପଞ୍ଚାୟତରେ ଏଯାଏ ଟାୱାର କାମ ଆରମ୍ଭ ହୋଇ ନ ଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି । ଏଣୁ ତୁରନ୍ତ ଟାୱାର କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରି ମଙ୍ଗଳବାର ବିଜେଡି ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇଙ୍କୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ସଭାପତି କୌଶିକ କୁମାର ପ୍ରଧାନ, ଉପସଭାପତି ବର୍ଷାରାଣୀ ମୁଣ୍ଡା, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ସମରେନ୍ଦ୍ର ଜିତ, ବାସନ୍ତୀ ବେହେରା, ପୁଷ୍ପାଞ୍ଜଳି ସାମଲ, ରାଜେଶ ମହାନାୟକ, ସରପଞ୍ଚ ସତ୍ୟନାରାୟଣ ପାଣି, ଇଂ. ଚିତ୍ତରଞ୍ଜନ ପ୍ରଧାନ, ଅମରେନ୍ଦ୍ର ଗଙ୍ଗଦେବ, ୱାର୍ଡସଭ୍ୟ ଯତିନ ନାୟକ, ରାଜକିଶୋର ଦାଶ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ ଦେବ, ନଗର ସଭାପତି ଶୁକଦେବ ଭଞ୍ଜ, ତିଳେଇବଣି ବ୍ଲକ ସଭାପତି ବାବୁଲାଲ ପୃଷ୍ଟେଠ, ଶରତ ମେହେର ଓ ରୂପକ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟାୱାର ନିର୍ମାଣରେ ବିଳମ୍ବ ହେଉଥିବାରୁ ଏହାର ପ୍ରତିବାଦରେ ଉକ୍ତ ୫ ପଞ୍ଚାୟତର ବାସିନ୍ଦା ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅନୁରୂପ ଦାବିପତ୍ର ପ୍ରଦାନ କରିଛନ୍ତି।

# ନବବିବାହିତ ଯୁବକଙ୍କ ଆତ୍ମହତ୍ୟା

**କୁକୁଡାବାହାଲି ଗ୍ରାମରେ ଉତ୍ତେଜନା**

ରେଢାଖୋଲ,୧୭।୫(ଡି.ଏନ.ଏ.)

ରେଢାଖୋଲ ଥାନା କୁକୁଡାବାହାଲି ଗ୍ରାମର ପିଣ୍ଟୁ ଦେହୁରି ନାମକ ଜଣେ ନବବିବାହିତ ଯୁବକ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ଗ୍ରାମବାସୀ ଓ ମୃତ ଯୁବକଙ୍କ ପରିବାର ପିଣ୍ଟୁଙ୍କ ସ୍ତ୍ରୀ ଓ ଶାଶୁ ଘର ଲୋକଙ୍କୁ ଦାୟୀ କରି ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପିଣ୍ଟୁ ୩ ମାସ ତଳେ ଚାରମାଳ ଥାନା ଅଞ୍ଚଳରେ ବିବାହ କରିଥିଲେ। ତେବେ ବିବାହର କିଛିଦିନ ପରେ ତାଙ୍କ ସ୍ତ୍ରୀ ୬/୭ ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଏହାକୁ ନେଇ ଉଭୟ ପରିବାର ଓ ଭଦ୍ରବ୍ୟକ୍ତିଙ୍କୁ ନେଇ ଗ୍ରାମରେ ସଭା ଡକାଇ ଆଲୋଚନା ହୋଇଥିଲା। ଏପରିସ୍ଥଳେ ପିଣ୍ଟୁଙ୍କ ସ୍ତ୍ରୀ ତାଙ୍କ ବାପଘରକୁ ଚାଲିଯାଇଥିଲେ। କିଛିଦିନ ତଳେ ସ୍ତ୍ରୀ ଗର୍ଭପାତ କରିଥିବା ସୂଚନା ପାଇବା ପରେ ପିଣ୍ଟୁ ମାନସିକ ଭାରସାମ୍ୟ ହରାଇ ବସିଥିଲେ। ଏହି ଘଟଣାକୁ ନେଇ ସେ ଆତ୍ମହତ୍ୟା କରିଥିବା ପିଣ୍ଟୁଙ୍କ ମା' ପୋଲିସ ନିକଟରେ ଅଭିଯୋଗ କରିଥିବା ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ କହିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ପୋଲିସ ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବା ବେଳେ ମୃତଦେହ ଜବତ କରିପାରି ନ ଥିବା ଜଣାପଡିଛି।

## ୨ ଦୋକାନରୁ ଚୋରି

ଜମନକିରା,୧୭।୫(ଡି.ଏନ.ଏ.)

ଜମନକିରା ବ୍ଲକ ବଡ଼ମାଳ ବସ୍‌ଷ୍ଟାଣ୍ଡରେ ଥିବା ଦୁଇଟି ଦୋକାନରୁ ସୋମବାର ରାତିରେ ଚୋରି ଅଭିଯୋଗ ହୋଇଛି। ଜଣେ ଦୋକାନୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଦୋକାନରୁ ୩ ହଜାର ଟଙ୍କାର ପେଟ୍ରୋଲ ସହ ୫ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଛି। ସେହିପରି ଅନ୍ୟ ଜଣଙ୍କ ଦୋକାନରୁ ନଗଦ ୫ ହଜାର ଟଙ୍କା ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ସକାଳେ ଏହା ଜାଣିବା ପରେ ଉଭୟ ଦୋକାନୀ ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

# ଖବରକାଗଜ ବିତରକଙ୍କୁ ପରିଚୟପତ୍ର ପ୍ରଦାନ

ଦେବଗଡ଼,୧୭।୫(ଡି.ଏନ.ଏ)

ଦେବଗଡ଼ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମଙ୍ଗଳବାର ଖବରକାଗଜ ବିତରକମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେବଗଡ ଜିଲାର ୪୨ ଜଣ ଖବରକାଗଜ ବିତରକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। କୋଭିଡ୍ ସମୟ, ଖରା, ବର୍ଷା ଓ ଶୀତକୁ ଖାତିର ନ କରି ପ୍ରତିଦିନ ସକାଳୁ ପାଠକମାନଙ୍କୁ ଖବରକାଗଜ ଯୋଗାଇ ଆସୁଥିବାରୁ ସରକାର ପୂର୍ବରୁ ସେମାନଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବର୍ତ୍ତମାନ ପରିଚୟପତ୍ର ପାଇବା ପରେ ବିତରକମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଉପସ୍ଥିତ ଥିଲେ ।



ପରିଚୟପତ୍ର ପାଇଥିବା ଖବରକାଗଜ ବିତରକବୃନ୍ଦ।

# ଅଶୋକା ବିଲ୍ଡକନ୍‌ର ବେଆଇନ ଟୋଲ୍ ଅସୁଲି

**ଆର୍‌ଡିସିଙ୍କୁ ଭେଟିଲା ଉତ୍କଣ୍ଠା ଅନୁଷ୍ଠାନ**

ସମ୍ବଲପୁର,୧୭।୫(ବ୍ୟୁରୋ)

୫୩ନଂ. ଜାତୀୟ ରାଜପଥ ସମ୍ବଲପୁର-ବରଗଡ ରାସ୍ତାରେ ଥିବା ଟୋଲ ପ୍ଲାଜାରେ ବେଆଇନ ଭାବେ ଟୋଲ ଆଦାୟ କରାଯାଉଛି। ସମ୍ବଲପୁର ଉତ୍ତରାଞ୍ଚଳ ଆର୍‌ଡିସି ସୁରେଶ ଚନ୍ଦ୍ର ଦଳେଇଙ୍କୁ ମଙ୍ଗଳବାର ଉତ୍କଣ୍ଠା ଅନୁଷ୍ଠାନ ସଦସ୍ୟମାନେ ଭେଟି ଏହି ଅଭିଯୋଗ କରିଛନ୍ତି। ଆର୍‌ଡିସି ଦଳେଇ ବରଗଡ ଜିଲାପାଳଙ୍କ ସହ ଆଲୋଚନା କରି ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଯୋଗ କ୍ରମେ ବରଗଡ ସହର ନିକଟରେ ଅଶୋକା ବିଲ୍ଡକନ ଟୋଲ ପ୍ଲାଜା ରହିଛି। ନିକଟ ଦେଇ ଯାଇଥିବା ଆର୍‌ଡି ରାସ୍ତା ବିକାଶ ସ୍କୁଲ ଦେଇ ପୁଣି ଜାତୀୟ ରାଜପଥକୁ ସଂଯୋଗ କରୁଛି। ଏହି ରାସ୍ତାରେ ବାଇକ୍ ଓ କାର୍ ଯିବାଆସିବା କରୁଛନ୍ତି। ହେଲେ କିଛିଦିନ ହେବ ଟୋଲ ପ୍ଲାଜା କର୍ମଚାରୀ ଉକ୍ତ ଆର୍‌ଡି ରାସ୍ତାରେ ଗେଟ ପକାଇ ଟୋଲ ଅସୁଲି କରୁଛନ୍ତି, ଯାହା ବେଆଇନ। ଜାତୀୟ ରାଜପଥ ପକ୍ଷରୁ ରାସ୍ତା ନିର୍ମାଣ କରାଯାଇଛି। ଉକ୍ତ ରାସ୍ତାରେ ଯିବାଆସିବା କଲେ ଟୋଲ ସଂଗ୍ରହ କରିବା ନିୟମ ରହିଛି। ହେଲେ ଟୋଲ ପ୍ଲାଜା ପୂର୍ବରୁ ଥିବା ଆର୍‌ଡି ରାସ୍ତାରେ ଏକ ଠିକାସଂସ୍ଥା ଟୋଲ ଆଦାୟ କରୁଛି। ଲୋକମାନେ ବିରୋଧ କଲେ ସଂସ୍ଥା କର୍ମଚାରୀ ଧମକଚମକ ଦେଉଛନ୍ତି। ଫଳରେ ଯାତ୍ରୀମାନେ ହଇରାଣ ହେଉଛନ୍ତି। ବେଆଇନ ଭାବେ କରିଥିବା ଟୋଲ ଗେଟକୁ ଉଚ୍ଛେଦ କରାଯାଉ ବୋଲି ସଙ୍ଗଠନ କର୍ମକର୍ତ୍ତା ଦାବି କରିଛନ୍ତି। ମହେନ୍ଦ୍ର ମିଶ୍ର, ରାଜାରାମ ପାଢୀ, ଡାକ୍ତର ସଞ୍ଜୀବ ମିଶ୍ର, ଶିବ ଶଙ୍କର ନନ୍ଦ, ଫଣୀନ୍ଦ୍ର ପ୍ରଧାନ, ସୁବ୍ରତ ମହାନ୍ତି, ରଞ୍ଜିତ କୁମାର ରଥ, ସୂର୍ଯ୍ୟ ପାଣିଗ୍ରାହୀ, ସଞ୍ଜୟ ଷଡ଼ଙ୍ଗୀ, ସରୋଜ ସେଠ, ଅନୀଲ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍ବଲପୁର ଆର୍‌ଡିସିଙ୍କ ସହ ଆଲୋଚନା କରୁଛନ୍ତି ଅନୁଷ୍ଠାନର କାର୍ଯ୍ୟକର୍ତ୍ତା।

## ମହିଳାଙ୍କ ମୃତଦେହ ଜବତ

ତୁଣ୍ଡଲା,(ଡି.ଏନ.ଏ.): କେସିଙ୍ଗା ବ୍ଲକ ନୁନମାଠ ପଞ୍ଚାୟତ ଲମ୍ପଟି ଜଙ୍ଗଲରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ନରେନ୍ଦ୍ର ନନ୍ଦଙ୍କ ପ୍ରଥମ ସ୍ତ୍ରୀ ଗୁଣ ନନ୍ଦା କିନ୍ତୁ ଯେଉଁ ପରିସ୍ଥିତିରେ ମୃତଦେହ ମିଳିଛି ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏ ନେଇ ମୃତ ମହିଳାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ଝିଅକୁ ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି ଓ ପୂର୍ବରୁ ମଧ ନିର୍ଯାତନା ଦିଆଯାଇଥିଲା। ଫଳରେ ଝିଅ କିଛିଦିନ ପାଇଁ ମା’ ଘରକୁ ଚାଲିଯାଇଥିବା ଝିଅର ମା’ କହିଛନ୍ତି। ମୃତାଙ୍କ ସ୍ୱାମୀଙ୍କ କଥାରେ ସନ୍ଦେହ ହେବାରୁ ପୋଲିସ ଓ କେସିଙ୍ଗା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ହତ୍ୟା ସନ୍ଦେହ ଉପୁଜିବାରୁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।



## ସଂକ୍ଷେପରେ

### ନଳକୂପ ଚାନ୍ଦନୀ ନାହିଁ



ଲୋଇସିଂହା,୧୭।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କନ୍ଦାଜୁରୀ ପଞ୍ଚାୟତ ସଦର ଗାଁ ଚହଲାରେ ଥିବା ନଳକୂପର ଚାନ୍ଦନୀ ନାହିଁ। ଚାନ୍ଦନୀ ନଥିବାରୁ ନଳକୂପରୁ ପାଣି ସଂଗ୍ରହ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କନ୍ଦାଜୁରୀ ପଞ୍ଚାୟତ ପକ୍ଷରୁ ୨୦୧୫-୧୬ ବର୍ଷରେ ନଳକୂପ ଖନନ କରାଯାଇଥିଲା। ୭ ବର୍ଷ ବିତି ଯାଇଥିଲେ ବି ଚାନ୍ଦନୀ ନିର୍ମାଣ ହୋଇନାହିଁ। ନିକଟରେ ନଳକୂପ ନିକଟରେ ଚାନ୍ଦିନୀ ସୋକପିଟ୍ ନିର୍ମାଣ ପାଇଁ ଗାତ ଖୋଳାଯାଇଛି। ହେଲେ ଦୀର୍ଘ ମାସ ବିତି ଯାଇଥିଲେ ବି ତାହା ନିର୍ମାଣ କରାଯାଇନାହିଁ। ଗ୍ରୀଷ୍ମ ପ୍ରବାହ ଯୋଗୁ ଗାଁ ପୋଖରୀ ପାଣି ଶୁଖି ଯାଇଥିବାରୁ ଉକ୍ତ ନଳକୂପ ଉପରେ ଗ୍ରାମର ଛେରାପଡା, ପଧାନପଡା, ମାଲି ପଡା ଓ ରଣପଡା ଲୋକେ ପାଣି ସଂଗ୍ରହ ସହ ସ୍ନାନ କରୁଛନ୍ତି। ହେଲେ ଚାନ୍ଦନୀ ନଥିବାରୁ ନଳକୂପ ଚର୍ତୁପାର୍ଶ୍ୱ କାଦୁଅ ହୋଇ ଯାଉଛି। ପିଇଓ ପ୍ରମୋଦ ମିଶ୍ର କହିଛନ୍ତି ଘଟଣାସ୍ଥଳକୁ ଯାଇ ଦେଖିଲା ପରେ ଯାହାକିଛି କହି ପାରିବା।

### ଅଭିରାମ ଆଶ୍ରମରେ ଚନ୍ଦନ ଯାତ୍ରା

ଲୋଇସିଂହା, ୧୭।୫ (ଡି.ଏନ.ଏ): ବୈଶାଖ ଚତୁର୍ଦ୍ଦଶୀ ଉପଲକ୍ଷେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପଣ୍ଡରାଣୀ ଅଭିରାମ ଆଶ୍ରମରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାବାଜୀ କରୁଣାକର ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଭିରାମ ଭକ୍ତ ସମିତିର ସମସ୍ତ ଗୁରୁଭାଇ ଓ ମାତୃଶକ୍ତି ଯୋଗଦେଇ ପ୍ରାତଃ ଭଜନ, ଜଣାଣ ଆଳତୀ କରିଥିଲେ।

### ବୈଶାଖି ମେଳାରେ ଭକ୍ତଙ୍କୁ ମହୁଁମାଛି ଆକ୍ରମଣ

ନୂଆପଡ଼ା ଅଫିସ,୧୭।୫: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡା ଅଭୟାରଣ୍ୟ ଖୋଲିଗାଁଠାରେ ଅବସ୍ଥିତ ରାଣୀମୁହାଁସ ବୈଶାଖମେଳା ଦେଖିବା ପାଇଁ ଆସିଥିବା ଭକ୍ତମାନଙ୍କୁ ମହୁଁମାଛି ଆକ୍ରମଣ କରିଛି। ଏଥିରେ ୮ରୁ ୧୦ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଆହତ ଭକ୍ତମାନଙ୍କ ପରିଚୟ ମିଳ ନ ଥିଲେ ମଧ୍ୟ ସେମାନଙ୍କୁ ରାଣୀମୁହାଁସ କମିଟି ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ସେଠାରେ ଥିବା ବଡବଡ ଗଛରେ ମହୁଁଫେଣା କରି ରହିଥାଏ। ଲୋକେ ମହୁଁରସ ଆଶାରେ ନଷ୍ଟ କରି ଦେଉଥିବାରୁ ମହୁଁମାଛି ଲୋକଙ୍କ ଉପରକୁ ଆକ୍ରମଣ କରିଥାଏ। ରାଣୀମୁହାଁସ କମିଟି ପକ୍ଷରୁ ରାଜକୁମାର ଧରୁଆ, ଜୟପ୍ରକାଶ ମାଝି, ଦୁଶାସନ ମାଝି, ସୋବିତ ମାଝି, ବରୁଣ ମାଝି, ଦେବସିଂ ମାଝି, ଲଛମନ ମାଝି, ଶଶିଭୂଷଣ ମାଝି, ଗଙ୍ଗାରାମ ଧରୁଆ, ଡିଙ୍ଗର ମାଝି, କୁମାର ମାଝି ପ୍ରମୁଖ ସହଯୋଗ କରିଥିଲେ।

### ଘୂର୍ଣ୍ଣିଝଡ଼ରେ ଉଜୁଡ଼ିଗଲା ଆମ୍ବ ଚାଷ

ନୂଆପଡ଼ା ଅଫିସ,୧୭।୫: ନୂଆପଡାରେ ଘୂର୍ଣ୍ଣିଝଡରେ ଉଜୁଡ଼ିଗଲା ଆମ୍ବ ଚାଷ। ଫଳରେ ଦୁରଦିନରେ ଏବେ ଆମ୍ବ ଚାଷୀ। ଆକାଶରେ ମେଘୁଆ ପାଗ ରହି ଜୋରରେ ଘୂର୍ଣ୍ଣିଝଡ ହେବାରୁ ଆମ୍ବ ସବୁ ଝଡି ଯାଇଛି। ମୁଣ୍ଡଫଟା ଖରାରେ ଚାଷୀ ଦେହକୁ ପାଣି ଛଡେଇ ଆମ୍ବର ରକ୍ଷଣାବେକ୍ଷଣା କରି ଜଗି ରହିଥିଲା। ଘୂର୍ଣ୍ଣିଝଡ ସବୁ ଧୂଳିସାତ କରବା ପରେ ଚିନ୍ତାରେ ଆମ୍ବଚାଷୀ। ଚଳିତବର୍ଷ ଆମ୍ବ ଅଧିକ ପରିମାଣରେ ଆସି ନ ଥିଲେ ମଧ୍ୟ ବଜାରରେ କିଲୋପ୍ରତି ୮୦ରୁ ୧୦୦ ଟଙ୍କା ବିକ୍ରୟ ହେଉଥିବାରୁ ଚାଷୀଙ୍କୁ ଅଧିକ କ୍ଷତି ସହିବାକୁ ପଡିବ ନାହିଁ ବୋଲି ଆଶା ରଖିଥିଲେ। ଝଡି ଯାଇଥିବା ଆମ୍ବ ସବୁକୁ ଛାଲି ବାହାର କରି ସୋଲା (ଆମୁଲ) ଶୁଖାଇ ବଜାରରେ କିଲୋପ୍ରତି ୧୦ରୁ୧୫ ଟଙ୍କାରେ ବିକ୍ରୟ ହେବ। ୬ରୁ ୭ କିଲୋ କଞ୍ଚା ଆମ୍ବକୁ ଶୁଖାଇଲେ ୧ କିଲୋ ଆମୁଳ ତିଆରୀ ହୋଇଥାଏ। ଚାଷୀଙ୍କୁ ବହୁତ କ୍ଷତି ସହିବାକୁ ପଡୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଆମ୍ବ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

# ଗାଁକୁ ମଦମୁକ୍ତ କରିବାକୁ ଅଣ୍ଟା ଭିଡ଼ିଲେ

ଟିଟିଲାଗଡ଼, ୧୭।୫(ଡି.ଏନ.ଏ)

■ମଦବିକ୍ରି ବନ୍ଦ ପାଇଁ ଉପଜିଲାପାଳଙ୍କୁ ଘେରିଲେ ମହିଳା

■ସାମିଲ ହେଲେ ୩୫ ମହିଳା ଏସ୍‌ଏଚ୍‌ଜି ସଦସ୍ୟା

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସିହିନି ଗ୍ରାମକୁ ମଦମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ୩୫ ମହିଳା ଗୋଷ୍ଠୀ ସଦସ୍ୟା। ମଙ୍ଗଳବାର ସେମାନେ ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଅବକାରୀ ବିଭାଗ କାର୍ଯ୍ୟାଳୟ ଓ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଗାଁରେ ଥିବା ୩୨ବେଆଇନ କୁଚିଆ ଦେଶୀ ମଦକୋଠି ଅଶାନ୍ତିକର ପରିସ୍ଥିତି ସୃଷ୍ଟି କରୁଛି। ସନ୍ଧ୍ୟାହେଲେ ମଦ୍ୟପଙ୍କ ଭୟରେ ଝିଅ, ମହିଳା ଘରୁ ପଦାକୁ ବାହାରି ପାରୁନାହାନ୍ତି। ସ୍ଥିତି ଏପରି ହୋଇଛି ଯେ, ଦିନବେଳା ଛାତ୍ରୀଛାତ୍ରମାନେ ସ୍କୁଲ କଲେଜ ଯିବାକୁ ଭୟ କରୁଛନ୍ତି।

ମଦକୋଠି ବନ୍ଦ କରିବାକୁ ଅନେକ ଥର ବୈଠକ ହୋଇଛି। ହେଲେ ସରକାରୀ ମଦଭାଟି କର୍ତ୍ତୃପକ୍ଷ ଇସାରାରେ ମଦକୁଚିଆଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଘରେ ଯାହା ଅଛି ତାହା ମଦରେ ଯାଉଛି। ପରିଶ୍ରମ କରି ଘରର ମୁରବି ଯାହା ଆୟ କରୁଛନ୍ତି ସେଥିରୁ ଅଧାରୁ ଅଧିକ ମଦରେ ସାରି ଦେଉଛନ୍ତି। ଏନେଇ ପରିବାର ଚଳାଇବା ପାଇଁ ଘରର ମହିଳାମାନେ ଅତିଷ୍ଠ ହୋଇ ପଡିଲେଣି। ଏସ୍‌ଏଚ୍‌ଜି ଋଣ, ମାଇକ୍ରୋଫାଇନାନ୍ସ କମ୍ପାନୀ ଋଣ କରିଥିବା ମହିଳା ପରିଶୋଧ କରିବାକୁ ସକ୍ଷମ ନ ହୋଇ ହିନସ୍ତା ହେଉଛନ୍ତି। ଏନେଇ ଉପଜିଲାପାଳ ତଦନ୍ତ ସହ ତୁରନ୍ତ ମଦଭାଟି ବନ୍ଦ କରିବାକୁ ମା ଦୁର୍ଗା, ଧନଲକ୍ଷ୍ମୀ, ସନ୍ତୋଷୀ, ଧରିତ୍ରୀ, ଜୟ ଭବାନୀ, ଜାଗୃତି, ଯୋଗ୍ୟତା, ଓମଶାନ୍ତି, ଗଜଲକ୍ଷ୍ମୀ ଘଣ୍ଟାସୁନୀ ଆଦି ୩୫ ମହିଳା ଗୋଷ୍ଠୀ ସଦସ୍ୟା ଦାବି କରିଛନ୍ତି। ବହୁ ସମୟ ଧରି ମହିଳାମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇ ମଦ ବିରୋଧୀ ନାରା ଦେଇଥିଲେ। ପରେ ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ ନିଜ ପ୍ରକୋଷ୍ଠରୁ ବାହାରି ମହିଳାଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ମହିଳା ଗୋଷ୍ଠୀର ପୂର୍ଣ୍ଣମୀ ଭୋଇ, ଗାୟତ୍ରୀ ଖର୍ସେଲ, ହାରାବତି ଆଡୟୁଆଡ, ମାଧବି ବାଗ, ତନୟା ବଗର୍ତ୍ତି, ଖବତି ଚନ୍ଦନ, ଲୋଚନା ମାଝି ପ୍ରମୁଖ ଗ୍ରାମରେ ବେଆଇନ ମଦ, ଗଞ୍ଜେଇ ବିକ୍ରି, ଜୁଆ ଆଡ୍ଡା ବନ୍ଦ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଚେତାବନୀ ଦେଇଥିଲେ। ଉପଜିଲାପାଳ ମହିଳାଙ୍କ ଲିଖିତ ଅଭିଯୋଗ ପତ୍ର ଗ୍ରହଣ ସହ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ମହିଳାମାନେ ଟିଟିଲାଗଡ ଅବକାରୀ ଅଧିକାରୀ ସତ୍ୟନାରାୟଣ ଦାଶଙ୍କୁ ସାକ୍ଷାତ ସହ ବେଆଇନ ମଦଭାଟି, ଗଞ୍ଜେଇ ବିକ୍ରୀ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ। ପରେ ଟିଟିଲାଗଡ ଥାନାରେ ମହିଳାମାନେ ଅଭିଯୋଗ ଦାଖଲ କରିଥିଲେ। ସିହନି ପଞ୍ଚାୟତର ପ୍ରତ୍ୟେକ ଗାଁରେ ଖୋଲା ଯାଇଥିବା ଏଭଳି ବେଆଇନ ମଦ କୁଚିଆ ତୁରନ୍ତ ବନ୍ଦ କରିବାକୁ ସିହନି ଗ୍ରାମବାସୀଙ୍କ ସହ ଅଭିଯୋଗ ପାଇଁ ଆସିଥିବା ସରପଞ୍ଚ ବୀରବର ସାହୁ ଦାବି କରିଛନ୍ତି।



ମଦ ବିକ୍ରୀ ବନ୍ଦ ନେଇ ଉପଜିଲାପାଳଙ୍କ ସହ ମହିଳା ଗୋଷ୍ଠୀ ସଦସ୍ୟା ଆଲୋଚନା କରୁଛନ୍ତି।

## ଜମି ବିବାଦକୁ ନେଇ ହତ୍ୟା ଘଟଣା: ଆଉ ୨ଗିରଫ

ଦେଓଗାଁ,୧୭।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ବରଗାଁରେ ଜମି ବିବାଦକୁ ନେଇ ସଂଘଟିତ ହତ୍ୟା ଘଟଣାରେ ପୋଲିସ ମଙ୍ଗଳବାର ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସୁଶାନ୍ତ ବେହେରା(୨୬) ଓ ପ୍ରଶାନ୍ତ ବେହେରା (୨୦)। ମାମଲା(୫୧/୨୨)ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ମୋଟ ୬ଜଣ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିବା ଏଏସଆଇ ଜଗତ ଜୀବନ ସା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଜମି ବିବାଦକୁ ନେଇ ଧନୁ ବୁଡେକ ଓ ସୁଶାନ୍ତ ବେହେରାଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗି ରହିଥିଲା। ତେବେ ମାର୍ଚ୍ଚ ୨୦ତାରିଖ ହୋଲିଦିନ ଏହି ଘଟଣାକୁ ନେଇ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୁଶାନ୍ତ ଓ ତାଙ୍କ ସହଯୋଗୀମାନେ ମାରଣାସ୍ତ୍ରରେ ଧନୁ ବୁଡେକଙ୍କୁ ଆକ୍ରମଣ କରିଥିଲେ। ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ମଧ ଆକ୍ରମଣର ଶିକାର ହୋଇଥିଲେ। ପରେ ବାପା ମାଙ୍କୁ ରକ୍ଷା କରିବାକୁ ଯାଇ ଦୁଇ ଝିଅ ରଜନୀ ଓ ସଜନ୍ତା ମଧ ଆକ୍ରମଣର ଶିକାର ହୋଇଥିଲେ। ଗାଁ ଲୋକ ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆଣିଥିଲେ। ସେଠାରେ ଧନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସଙ୍କଟାପନ୍ନ ହେବାରୁ ଲକ୍ଷ୍ମୀ ଓ ଦୁଇ ଝିଅଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।

## ଲୋକାର୍ପିତ ହେଲା ୨ ସୁଲଭ ଶୌଚାଳୟ



ଶୌଚାଳୟ ଲୋକାର୍ପଣ ଅବସରରେ ଉପସ୍ଥିତ ବିଧାୟକ ନରସିଂହ ମିଶ୍ର, ପୌରାଧ୍ୟକ୍ଷା ଲିକା ସାହୁ ଓ ଜିଲାପାଳ ଚଞ୍ଚଳ ରାଣା।

ବଲାଙ୍ଗୀର ଅଫିସ, ୧୭।୫

ବଲାଙ୍ଗୀର ସହରର ଟିକ୍ରାପଡା ଛକ ଏବଂ କଳାମଣ୍ଡଳ ରାସ୍ତାକଡରେ ଦୁଇଟି ସୁଲଭ ଶୌଚାଳୟ ମଙ୍ଗଳବାର ଲୋକାର୍ପିତ କରାଯାଇଛି। ବିଧାୟକ ନରସିଂହ ମିଶ୍ର ଏହି ଶୌଚାଳୟର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୌରାଧ୍ୟକ୍ଷା ଲିକା ସାହୁ, ଜିଲାପାଳ ଚଞ୍ଚଳ ରାଣା, ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଉପସ୍ଥିତ ଥିଲେ। ଦଳମତ ନିର୍ବିଶେଷରେ ବଲାଙ୍ଗୀରବାସୀଙ୍କ ବିକାଶ ପାଇଁ ସମସ୍ତେ ଏକତ୍ରିତ ହୋଇ ଆଗେଇ ଆସନ୍ତୁ। ଏହା ହିଁ ଆଜିର ବାର୍ତ୍ତାହେବା ଉଚିତ୍ ବୋଲି ବିଧାୟକ ମିଶ୍ର ଆହ୍ୱାନ ଦେଇଥିଲେ। ବଲାଙ୍ଗୀର ସହରକୁ ବିକଶିତ କରିବା ପାଇଁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି। ମହାରାଣୀ ସାଗର ପ୍ରକଳ୍ପ ହେଉକି, ରାଣୀବନ୍ଧ ସୌନ୍ଦର୍ଯ୍ୟକରଣ କିମ୍ବା ଗନ୍ଧରେଲ ଡ୍ୟାମକୁ ଏକ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ହେଉ ଏସବୁ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଲୋକଙ୍କ ସହିତ ଜିଲା ବାହାର ଲୋକ ମଧ ଆକର୍ଷିତ ହେବେ। ସ୍ଥାନୀୟ ଲୋକଙ୍କୁ ରୋଜଗାର ମିଳିବା ସହ ଏହି ପ୍ରକଳ୍ପ ଗୁଡିକ ବଲାଙ୍ଗୀରର ଅର୍ଥନୈତିକ ଅଗ୍ରଗତିରେ ସହାୟକ ହେବ ବୋଲି ବିଧାୟକ କହିଥିଲେ। ପୌରାଧ୍ୟକ୍ଷା ସାହୁ ତାଙ୍କ ବକ୍ତବ୍ୟରେ ଆମେ ସମସ୍ତେ ମିଳିତ ଭାବେ ବଲାଙ୍ଗୀରର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଭୟ ଶୌଚାଳୟ ନିର୍ମାଣ କରାଯାଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଜେଡି ଓ କଂଗ୍ରେସର କାଉନସିଲର, କର୍ମୀ, ସୁଲଭ ଇଣ୍ଟରନ୍ୟାଶନାଲ କର୍ମଚାରୀ ଉପସ୍ଥିତ ଥିଲେ।

## ଝଡବର୍ଷା, କୁଆପଥର ମାଡ: ଅମଳ କମିବା ଆଶଙ୍କା

ଲୋଇସିଂହା,୧୭।୫(ଡି.ଏନ.ଏ)



ଫଡିଘରେ ଶୁଖାଯାଇଥିବା ପତ୍ର ନଷ୍ଟ ହୋଇଯାଇଛି।

**ଆଡେନଡୁଙ୍ଗରୀ ସେକ୍ସନରେ କେନ୍ଦୁପତ୍ର ସଂଗ୍ରହ**

ବଲାଙ୍ଗୀର କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ଲୋଇସିଂହା ରେଞ୍ଜରୁ ଚଳିତ ଅର୍ଥିକ ବର୍ଷରେ ୭୨ ଲକ୍ଷ କେରି କେନ୍ଦୁପତ୍ର ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅଦ୍ୟାବଧି ୪୮ଲକ୍ଷ ୮୮ ହଜାର ୪୫୦ କେରି କେନ୍ଦୁପତ୍ର ସଂଗ୍ରହ ହେଲାଣି। ୧୮୧୦ ବସ୍ତା ପତ୍ର କିଣା ଯାଇଥିବା ରେଞ୍ଜ ଅଫିସର ଦିଲୀପ କୁମାର ସାହୁ କହିଛନ୍ତି। ରେଞ୍ଜ ଅଧୀନ ୫ ସେକ୍ସନ ଲୋଇସିଂହା, ଆଡେନଡୁଙ୍ଗରୀ, ସାଲେଭଟା, ଆଗଲପୁର ଓ ନୁନିଆଁପାଲି ରହିଛି। ୫ ସେକ୍ସନର ୪୨ ଫଡି ଘର ଅଧୀନରେ ଥିବା ପଞ୍ଜୀକୃତ ଶ୍ରମିକ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି। ତେବେ ମେ ୩ ତାରିଖରେ ରେଞ୍ଜ ଅଧୀନ ଆଡେନଡୁଙ୍ଗରୀ ସେକ୍ସନର କନ୍ଦାଜୁରୀ ଓ କରକଟିଆରେ ଝଡବର୍ଷା ଓ କୁଆପଥର ମାଡ ହୋଇଥିଲା। ଫଳରେ ସମ୍ପୃକ୍ତ ଅଞ୍ଚଳରୁ ୪୦ ପ୍ରତିଶତ ପତ୍ର ଅମଳ କମିଯିବା ଆଶଙ୍କା ରହିଛି ବୋଲି ରେଞ୍ଜ ଅଫିସର ସାହୁ କହିଛନ୍ତି। ସ୍କୁଲପିଲା ଓ ବୟସ୍କା ବ୍ୟକ୍ତି ପତ୍ର ସଂଗ୍ରହରେ ନିୟୋଜିତ ସମ୍ପର୍କରେ ପଚାରିବାରୁ ଏନେଇ ଗଣମାଧ୍ୟମରୁ ଜାଣିବାକୁ ପାଇଛି। ଏନେଇ ମୁନସୀ ଓ ଚେକରମାନଙ୍କୁ ତାଗିଦ୍ କରାଯାଇଛି ବୋଲି ସେ କହିଥିଲେ।

## ମୃତ ଦାଦନ ଶ୍ରମିକଙ୍କ ପରିବାରକୁ ଭେଟିଲା ସାମାଜିକ ସଂଗଠନ

ବେଲପଡା,୧୭।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ବେଲପଡା ଥାନା ଅଞ୍ଚଳର ଗତ ୧୫ ଦିନ ଭିତରେ ୩ ଦାଦନ ଶ୍ରମିକଙ୍କ ମତ୍ୟୁ ଘଟିଛି। ମଙ୍ଗଳବାର ହାଇଦ୍ରାବାଦର ସାମାଜିକ ସଂଗଠନ ସକାଳ ପକ୍ଷରୁ ମୃତ ୩ ଦାଦନ ଶ୍ରମିକଙ୍କ ପରିବାର ଲୋକଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଂଗଠନ ମୁଖ୍ୟ ସଞ୍ଚାଳକ ଲକ୍ଷ୍ମୀକାନ୍ତ ପଟେଲ ସୁଲେକେଲା ଗାଁକୁ ଯାଇ ମୃତକ ଦାଦନ ଶ୍ରମିକ ସ୍ନେହଲତା ଦଲେଇଙ୍କ ସ୍ୱାମୀ ପକ୍ଷୀରାଜ ଦଲେଇଙ୍କୁ ଭେଟିଥିଲେ। ପକ୍ଷୀରାଜ ସ୍ତ୍ରୀର ମୃତ୍ୟୁ ସାର୍ଟିଫିକେଟ୍ କରାଇ ଦେବା ପାଇଁ ଅନୁରୋଧ କରିଥିଲେ। ଏହାପରେ ଖଲଖଲି ଗାଁର ମୃତକ ଦାଦନ ଜଗଦୀଶ ମାଝିଙ୍କ ଘରକୁ ଯାଇଥିଲେ। ଜଗଦୀଶଙ୍କ ସ୍ତ୍ରୀ ଓ ପୁଅଝିଅ ଏକ ଭଙ୍ଗାଦଦରା ଘରେ ରହୁଥିବା ଦେଖି ଲକ୍ଷ୍ମୀକାନ୍ତ ଦୁଃଖ ପ୍ରକାଶ କରିଥିଲେ। ମୃତକଙ୍କ ସ୍ତ୍ରୀ ଜିତା ଓ ତାଙ୍କ ପରିବାର ଲୋକେ ତେଲେଙ୍ଗାନା ତୁରୁଲ୍ ଅଞ୍ଚଳରେ ଇଟା ଗଢୁଥିଲେ। ସେଠାର ଇଟାଭାଟି ମାଲିକ ପରିବାର ଲୋକଙ୍କୁ ଖରାରେ କାମ କରାଇବା ସହ ମାଡ ମାରୁଥିଲେ ବୋଲି ଅଭିଯୋଗ କରିଥିଲେ। ସେଠାରେ ଫସି ରହିଥିବା ଅନ୍ୟ ଶ୍ରମିକମାନଙ୍କୁ ଉଦ୍ଧାର ପାଇଁ ନିବେଦନ କରିଥିଲେ। ଶେଷରେ ଯୁବା ଗାଁର ଦାଦନ ଶ୍ରମିକ ନକୁଳ ଧରୁଆଙ୍କ ସ୍ତ୍ରୀଙ୍କୁ ଭେଟି ସ୍ୱାମୀଙ୍କ ମୃତ୍ୟୁ ବିଷୟରେ ପଚାରି ବୁଝିଥିଲେ।

## ଜିଲାସ୍ତରୀୟ ମେଳାରେ ସମନ୍ୱିତ କୃଷିକୁ ଗୁରୁତ୍ୱ



କୃଷିମେଳାର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

ଖପ୍ରାଖୋଲ, ୧୭।୫(ଡି.ଏନ.ଏ.)

**୫ ଅଗ୍ରଣୀ ଚାଷୀ ସମ୍ବର୍ଦ୍ଧିତ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ଉଦ୍ୟାନ ବିଭାଗ ଆମ୍ବ ବଗିଚାଠାରେ ପାଟଣାଗଡ଼ କୃଷି ଜିଲାସ୍ତରୀୟ ଦୁଇଦିନିଆ କୃଷିମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପାଟଣାଗଡ଼ କୃଷି ଜିଲା ଅଧିକାରୀ ଗୁରେନ୍ଦ୍ର ସିଂହ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ କୃଷି ଅଧିକାରୀ ଡମ୍ବରୁଧର ମେହେର, ଜିଲା ସହକାରୀ ବିହନ ଉତ୍ପାଦନ ଅଧିକାରୀ ମିର୍ଜା ଅଲି, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପଟଣାଗଡ଼ ଏଡିଏଚ ପ୍ରମୋଦ କୁମାର ସେଠୀ, ସହ ଉଦ୍ୟାନ ଅଧିକାରୀ ମନୋଜ କୁମାର ବେହେରା, ସହ ମତ୍ସ୍ୟ ଅଧିକାରୀ ସଞ୍ଜିବ କୁମାର ସାହୁ,ଏସ.କେ. ବେହେରା, ବଲାଙ୍ଗୀର ସହ ଉଦ୍ୟାନ ଅଧିକାରୀ ତିରଜକ କୁମାର ଦାସ, ପାଟଣାଗଡ଼ ସହ କୃଷି ଅଧିକାରୀ ପିକୁସେନ କର, ଖପ୍ରାଖୋଲ ସହକୃଷି ଅଧିକାରୀ ସୁଜିତ କୁମାର ଭୋଇ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଟଣାଗଡ଼ ସହ ଉଦ୍ୟାନ ଅଧିକାରୀ ଅବିନାଶ ଦାଶ, ପାଟଣାଗଡ଼ ସହ ମୃତ୍ତିକା ସଂରକ୍ଷଣ ଅଧିକାରୀ ସତ୍ୟେନ୍ଦ୍ର ନାଥ ରାଇକା,ଏଫିଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ, କୃଷିବିତ ଯଶୋବନ୍ତ ସାହୁ, ବ୍ଲକ ପ୍ରାଣୀ ସମ୍ପଦ ଅଧିକାରୀ ଡା ସୁଜିତ କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସମନ୍ୱିତ କୃଷିକୁ ଗୁରୁତ୍ୱ ଦେବାକୁ ଅତିଥିମାନେ ମତ ରଖିଥିଲେ। ବିଭାଗୀୟ ଅଧିକରୀମାନେ ନିଜ ବିଭାଗର ଯୋଜନା, ସହାୟତା ଉପରେ ବୁଝାଇ ଥିଲେ। ମେଳାରେ ପାଟଣାଗଡ଼, ବେଲପଡା, ଖପ୍ରାଖୋଲ ବ୍ଲକର ଚାଷୀମାନେ ଉପସ୍ଥିତ ଥିଲେ। ୫ ଅଗ୍ରଣୀ ଚାଷୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୁଣି ମାତିଲେ ଲୁଟେରା: ଅବସରପ୍ରାପ୍ତ ଅଧ୍ୟାପକଙ୍କଠାରୁ ଲୁଟିଲେ ଦେଢ଼ଲକ୍ଷ

ଟିଟିଲାଗଡ,୧୭।୫ (ଡି.ଏନ.ଏ )

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ପୁଣି ଲୁଟେରାଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ମଙ୍ଗଳବାର ସକାଳେ ଡିଏଭି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଗୋପାଳକୃଷ୍ଣ ଚାନ୍ଦ ଲୁଟ୍‌ର ଶିକାର ହୋଇଛନ୍ତି। ଏକ ପଲସରରେ ଆସି ଦୁଇଜଣ ଲୁଟେରା ତାଙ୍କ ଘର ସମ୍ମୁଖରୁ ଦେଢଲକ୍ଷ ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟଶାଖାରୁ ଉକ୍ତ ଟଙ୍କା ଉଠାଇ ଡ୍ରାଇଁ ଦୀପକ ସମଜଦାରଙ୍କ ସହ ଗୋପାଳକୃଷ୍ଣ ଏକ ସ୍କୁଟିରେ ଠିକାଦାରପଡ଼ାସ୍ଥିତ ଘର ସମ୍ମୁଖରେ ପହଞ୍ଚି ଥିବାବେଳେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆଖପାଖରେ ଖୋଜାଖୋଜି କରିଥିଲେ ମଧ ଲୁଟେରାଙ୍କ ପତ୍ତା ମିଳି ନ ଥିଲା। ତେବେ ସେହି ରାସ୍ତାରେ ଏକ ବ୍ୟବସାୟୀଙ୍କ ଦୋକାନରେ ଲାଗିଥିବା ସିସି ଟିଭି ଫୁଟେଜରେ ଲୁଟେରାମାନେ ଚାନ୍ଦଙ୍କ ସ୍କୁଟିକୁ ଅନୁସରଣ କରୁଥିବା ଫଟୋ କଏଦ ହୋଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ପ୍ରଗତିଶୀଳ ସମାଜ ଗଠନରେ ବୁଦ୍ଧଙ୍କ ଦିଗ୍‌ଦର୍ଶନ ପ୍ରେରଣାଦାୟୀ

ବଲାଙ୍ଗୀର ଅଫିସ, ୧୭।୫

■ବଲାଙ୍ଗୀର ନାଗରିକ କମିଟୀର ବୁଦ୍ଧ ଜୟନ୍ତୀ

■ସମ୍ବର୍ଦ୍ଧିତ ହେଲେ ପଦ୍ମଶ୍ରୀ ନରସିଂହ ଗୁରୁ, ଡା. ରୁଦ୍ରନାରାୟଣ ପଟେଲ

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ପତିତପାବନ ଏକାଡେମୀଠାରେ ବୁଦ୍ଧ ଜୟନ୍ତୀ ପାଳିତ ହୋଇଥିଲା। ନାଗରିକ କମିଟି ସଭାପତି ବେଲାରସିଂ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଓ ମୁଖ୍ୟବକ୍ତାଭାବେ ଅଧ୍ୟାପକ ସଦାଶିବ ମଲ୍ଲିକ ଯୋଗଦେଇଥିଲେ। ସଭାକୁ ମୁଖ୍ୟଅତିଥି ବିଧାୟକ ମିଶ୍ର ଉଦ୍‌ଘାଟନ କରିଥିଲେ। ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ ବୁଦ୍ଧଙ୍କ ମହତ ବାଣୀ ଓ ମହାନ ଦୀକ୍ଷା କିଭଳି ସମାଜକୁ ପ୍ରଗତିଶୀଳ କରେ କହିଥିଲେ। ଏହି ଅବସରରେ ସେ କୋଶଲୀ– ସମ୍ବଲପୁରୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତି ଅବଲମ୍ବନ ଉପରେ ସମାଲୋଚନା କରିଥିଲେ।

ମୁଖ୍ୟବକ୍ତା ଅଧ୍ୟାପକ ମଲ୍ଲିକ କାମନାର ବିନାଶରେ ଦୁଃଖର ବିନାଶ ଏବଂ ଭଗବାନ ବୁଦ୍ଧ ରାଜଭୋଗ ଛାଡି କିଭଳି ଗୈରିକ ବସ୍ତ୍ର ପରିଧାନ କରି ସମାଜକୁ ସତ୍ୟପଥରେ ଆଗେଇ ନେଇଥିଲେ ସେ ଉପର ଆଲୋଚନା କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ନରସିଂହ ଗୁରୁ ଓ ଲୀଳା କଳାକାର ଡାକ୍ତର ରୁଦ୍ରନାରାୟଣ ପଟେଲଙ୍କୁ କମିଟି ପକ୍ଷରୁ ମୁଖ୍ୟଅତିଥି ବିଧାୟକ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧନା ଉତ୍ତରରେ ପଦ୍ମଶ୍ରୀ ଗୁରୁ କୋଶଲୀ ଭାଷା ଉପରେ ଦୀର୍ଘ ୬୦ ବର୍ଷର ଗବେଷଣ ଓ ଅଧ୍ୟୟନ ଉପରେ କହିଥିଲେ। ପ୍ରାଥମିକ ବିଦ୍ୟାଳୟ ସ୍ତରରୁ କୋଶଲୀ ଭାଷାର ପ୍ରଚଳନ ଉପରେ ସେ ଜୋର ଦେଇଥିଲେ। ଅନ୍ୟତମ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଲୀଳା କଳାକାର ତଥା ସ୍ତ୍ରୀ ରୋଗ ଓ ପ୍ରସୂତୀ ବିଭାଗ ଡାକ୍ତର ରୁଦ୍ରନାରାୟଣ ପଟେଲଙ୍କ ଉଦ୍ୟମରେ ୨୦ ବର୍ଷ ଧରି ବନ୍ଦ ହୋଇଥିବା ରାମଜୀପଡାର ପ୍ରସିଦ୍ଧ ରାମଲୀଳା ନାଟକ ପୁନଃରୁଦ୍ଧାର କରାଯାଇଥିବାରୁ ତାଙ୍କୁ ପ୍ରଶଂସା କରାଯାଇଥିଲା। ସେ ରାବଣ ଭୂମିକାରେ ଅଭିନୟ କରି ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ। ଡାକ୍ତର ପଟେଲଙ୍କୁ ସମ୍ବର୍ଦ୍ଧନା ବେଳେ ରାମଜୀପଡା ରାମଲୀଳାର ଗୁରୁ ବାଳମୁକୁନ୍ଦ ବେହେରା, କମିଟି ସଭାପତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ବହିଦାର, ଡା. ଲକ୍ଷ୍ମୀକାନ୍ତ ମହାପାତ୍ର, ନିତ୍ୟାନନ୍ଦ ମିଶ୍ର, ଚକ୍ରପାଣି ଦାଶ, ଗଜେନ୍ଦ୍ର ତ୍ରିଭୁବନ ଦାସ, ପଙ୍କଜିନୀ ପଣ୍ଡା, ବୃନ୍ଦାବନ ବରାଳ, ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ଦିବାକାର ହୋତା, ଜୟରାମ ମିଶ୍ର, ପୀତବାସ ପଣ୍ଡା, ନିରୁପମା ଉଦ୍‌ଗାତା, ସଂଗ୍ରାମ ବହିଦାର ବିଶେଷ ସହଯୋଗ କରିଥିଲେ।



ବିଧାୟକ ନରସିଂହ ମିଶ୍ର ଡାକ୍ତର ରୁଦ୍ରନାରାୟଣ ପଟେଲଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

## ଉଦ୍ଦୀପନା ଦିବସ ପାଳିତ

ବରପାଲି,(ଡି.ଏନ.ଏ.): ବରପାଲି ଖ୍ରୀଷ୍ଟିଆନ ସମାଜ ପକ୍ଷରୁ ଉଦ୍ଦୀପନା ଦିବସ ପାଳିତ ହୋଇଯାଇଛି । ନିବେଦିତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖର ବାଗ ମୁଖ୍ୟ ଅତିଥି, ଜନ୍ ନ୍ୟୁଟନ ସିଂ ସମ୍ମାନିତ ଅତିଥି ଓ ଆଚାର୍ଯ୍ୟ ଆୱଶ ରଞ୍ଜନ ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ପ୍ରଭୁ ଯୀଶୁଙ୍କ ବାଣୀ ପରିବେଷଣ କରିଥିଲେ। ଆଚାର୍ଯ୍ୟ ଏଲିୟ ନାୟକ, ପାଷ୍ଟର ଜିଶୟ ନାଗ, ଏ. କେ ପାତ୍ର, କୁନା ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ। ଉତ୍ସବରେ ଖ୍ରୀଷ୍ଟିଆନ ସମାଜର ବହୁ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜେଲ ଭରୋ ଆନ୍ଦୋଳନ ଚେତାବନୀ

**ବୀମା କମ୍ପାନୀର ଖେଳ, ଚାଷୀଙ୍କ କାଳ**

**ପଦ୍ମପୁର,୧୭।୫(ଡି.ଏନ.ଏ):** ପ୍ରଧାନମନ୍ତ୍ରୀ ଫସଲ ବୀମାରାଶିକୁ ନେଇ ବୀମା କମ୍ପାନୀ ବାରମ୍ବାର ଚାଷୀମାନଙ୍କୁ ବିଭ୍ରାନ୍ତ କରୁଛି। ଚାଷୀମାନେ ବୀମା ପ୍ରିମିୟମ ଦେବା ପରେ ବୀମା କମ୍ପାନୀ ରିଜେକ୍ଟ ରିଭୋର୍ଟ ସମୟ ସୀମାରେ କୌଣସି ପଦକ୍ଷେପ ନ ନେଇ ବୀମା ପ୍ରଦାନ ବେଳେ ନାନା ଆଳ ଦେଖାଉଛି। ଫଳରେ ଚାଷୀମାନେ ଧୈର୍ଯ୍ୟହରା ହୋଇପଡିଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ନ କଲେ ଚାଷୀମାନେ ଜେଲ ଭରୋ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି। ସୂଚନା ଅନୁସାରେ, ଗତ ୫ତାରିଖରେ ବରଗଡ ଜିଲା ପଦ୍ମପୁର ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନ, ବୀମା କମ୍ପାନୀ ପ୍ରତିନିଧି ଓ କୃଷକ ସଙ୍ଗଠନ ପ୍ରତିନିଧିଙ୍କ ବୀମାରାଶି ପ୍ରଦାନ ଉପରେ ଆଲୋଚନା ହୋଇଥିଲା। ଏକ ଲକ୍ଷ ବାର ଶହ ଚାଷୀଙ୍କ ବୀମା କାଗଜାତ ରିଜେକ୍ଟ ହୋଇ ୫୧ ହଜାର ୭୪୭ ଜଣ ଚାଷୀଙ୍କ ବୀମା ମଞ୍ଜୁର ହୋଇଥିବା ସେତେବେଳେ ପ୍ରଶାସନ ଘୋଷଣା କରିଥିଲା ଏବଂ ଅତିଶୀଘ୍ର ତାହା ସାର୍ବଜନୀନ ହେବ ବୋଲି କୁହାଯାଇଥିଲା। କିନ୍ତୁ ବୀମା ମଞ୍ଜୁର ହୋଇଥିବା ଚାଷୀମାନଙ୍କ କାଗଜାତ ପୁଣି ଭେରିଫିକେଶନ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଆସିଛି। ଏହା ଜଣାପଡିବା ପରେ କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଆବାହକ ଅଶୋକ ସାହୁ, ଝାରବନ୍ଧ ବ୍ଲକର ଚାଷୀନେତା ଅଶୋକ ସାହୁ, ଭଜନ ସାହୁ, ବେଦବର ସାହୁ, ତାପସ ସାହୁ ପ୍ରମୁଖ ମଙ୍ଗଳବାର ଉପ ଜିଲାପାଳଙ୍କୁ ସାକ୍ଷାତ କରି ବୀମା କମ୍ପାନୀର ମନମୁଖି କାର୍ଯ୍ୟକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ଆସନ୍ତା ମାସ ପ୍ରଥମାର୍ଦ୍ଧରେ କୃଷକ ସଙ୍ଗଠନ ପକ୍ଷରୁ ଜେଲଭରୋ ଆନ୍ଦୋଳନ କରାଯିବ। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ବୀମା କମ୍ପାନୀ ଓ ପ୍ରଶାସନ ଦାୟୀ ରହିବେ ବୋଲି ଚାଷୀ ନେତାମାନେ ଚେତାବନୀ ଦେଇଛନ୍ତି।

### ନିଆରା ଢଙ୍ଗରେ ଜୟନ୍ତୀ ସମାରୋହ

**ବରଗଡ଼ ଅଫିସ୍,୧୭।୫:** ବରଗଡ଼ ଜିଲା ଭେଡ଼େନ ବ୍ଲକ ଭେଲୁଆପଦର ଗ୍ରାମରେ ବୁଦ୍ଧ ପୂର୍ଣ୍ଣିମାର ବାବା ଯାତ୍ରା ଅବସରରେ ଆୟୋଜିତ ଚତୁର୍ଥ ରଞ୍ଜିତା କବି ସମ୍ମିଳନୀରେ ପ୍ରଫେସର ହୃଦମଣି ପ୍ରଧାନଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଭାଷା ଆନ୍ଦୋଳନ ପାଇଁ ସମର୍ପିତ ରଞ୍ଜିତା ଏବଂ ମନୋହର ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ସଭାରେ ଉତ୍ପନ୍ନ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର କେଶରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି, ନାଟ୍ୟକାର ଅଶୋକ କୁମାର ବହିଦାର, ସଙ୍ଗଠକ ଦିଲୀପ ଦେବତା ଅତିଥି ଭାବେ ଯୋଗଦେଇ ସମ୍ବଲପୁରୀ ଭାଷା ସାହିତ୍ୟ ପାଇଁ ହୃଦମଣିଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ରଞ୍ଜିତାର ସଭାପତି କବି ବିନୋଦ ବଏକାର ସ୍ୱାଗତ ଭାଷଣ ଦେଇଥିବା ବେଳେ କଣ୍ଠଶିଳ୍ପୀ ତରଣୀସେନ ଗୁରୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କବି ରସିକ ଚନ୍ଦ୍ର ବେହେରାଙ୍କ କାବ୍ୟ ଏ ଫସର୍ ଫସା ଉନ୍ମୋଚିତ ହୋଇଥିଲା। ପରେ ମୁନିରାମ କୁମ୍ଭାରଙ୍କ ସଂଯୋଜନାରେ କବିତା ଆସର ହୋଇଥିଲା। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିଶୁ ନୃତ୍ୟଶିଳ୍ପୀ ପଞ୍ଚମୀ ରଣା ଓ ତୁଳସୀ ଷାଣ୍ଢ ସମ୍ବଲପୁରୀ, ଶଙ୍କର ପାତ୍ର ଘୁଡ଼କା ନାଚ ଏବଂ ଦିବ୍ୟାଙ୍ଗ କଳାକାର ସୁରଦାସ ବାଦ୍ୟ ପରିବେଷ କରିଥିଲେ। ଏହାପରେ ରାବଣ ଦରବାରରେ ୱାର୍ଡସଭ୍ୟ ସହଦେବ ସାହୁଙ୍କ ରାବଣ ଅଭିନୟ ଚିତ୍ତାକର୍ଷକ ହୋଇଥିଲା। ଶେଷରେ ଦଣ୍ଡନୃତ୍ୟ ପରିବେଷଣ କରାଯାଇଥିଲା ।

### ଫେରାର ଅଭିଯୁକ୍ତ ଶିକ୍ଷକ ଗିରଫ

**ବରପାଲି,୧୭।୫(ଡି.ଏନ.ଏ.):** ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତ ଥାଇ ଫେରାର ଶିକ୍ଷକଙ୍କୁ ବରପାଲି ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପ୍ରକାଶ ଯେ, ଗତ ୧ ତାରିଖରେ ବରପାଲି ପ୍ରାଣୀ ଚିକିତ୍ସାଳୟ ସମ୍ମୁଖରେ ଶିକ୍ଷକ ଜଣଙ୍କ ବରପାଲି ଏନଏସି ଅଧୀନ ୧୧ନଂ. ୱାର୍ଡର ଅବକାଶ ଦାଶଙ୍କ ପେଟକୁ ଏକ ଭଙ୍ଗା କାଚ ବୋତଲରେ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ପରେ ଅଭିଯୁକ୍ତ ଫେରାର ଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା।

# ପଚୁଛି ପରିବା, ଶୀତଳ ଭଣ୍ଡାର ମରୀଚିକା

**ସୋନପୁର,୧୭।୫(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ୮୦ ପ୍ରତିଶତ ଜନସାଧାରଣ କୃଷି ଉପରେ ନିର୍ଭରଶୀଳ। ଜିଲାରେ ଧାନ ଉତ୍ପାଦନ କ୍ଷେତ୍ରରେ ଦୁଇ ମହିଳା ଚାଷୀଙ୍କୁ କୃଷି କର୍ମଣ ପୁରସ୍କାର ମିଳିଛି। ହେଲେ ଧାନ ଚାଷରେ ଅଧିକ ଜଳର ଆବଶ୍ୟକତା ହେଉଛି। ବିକ୍ରି କ୍ଷେତ୍ରରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ତେଣୁ ଜିଲାର ଚାଷୀ ପନିପରିବା, ଆମ୍ବ, ପିଜୁଳି, ତରଭୁଜ ଭଳି ଚାଷ କରି ବାହାରକୁ ରପ୍ତାନି କରୁଛନ୍ତି। କିନ୍ତୁ ଆବଶ୍ୟକ ବଜାର ଓ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ପ୍ରଚଣ୍ଡ ଗ୍ରୀଷ୍ମରେ ବିପୁଳ ପରିମାଣର ପନିପରିବା, ପିଆଜ, ଆଳୁ ଓ ଫଳ ପଚି ନଷ୍ଟ ହେଉଛି। ଚାଷୀ ଖୁବ୍ କମ୍ ଦରରେ ବ୍ୟବସାୟୀଙ୍କୁ ତାହା ବିକ୍ରି କରିବାକୁ ବାଧ ହେଉଛନ୍ତି ବୋଲି କହିଛନ୍ତି ସୋନପୁର ବ୍ଲକ ଖଇରଟିକ୍ରା ଗ୍ରାମର ସଫଳ ଚାଷୀ ସୁରେଶ ମିଶ୍ର। ବର୍ତ୍ତମାନ ବଜାରରେ ପନିପରିବା ଦର ଆକାଶଛୁଆଁ ରହୁଛି।

**ଟମାଟୋ କିଲୋ ୯୦, ଚାଷୀ ପାଉନାହାନ୍ତି ଲାଭ**

ଟମାଟୋ କିଲୋ ୯୦ଟଙ୍କା ଉପରେ ରହୁଛି। କିନ୍ତୁ ଏହାର ପ୍ରକୃତ ମୂଲ୍ୟ ଚାଷୀ ପାଉ ନଥିବା ସେ ଅଭିଯୋଗ କରିଛନ୍ତି।

ଖରିଫ ଋତୁରେ ଏହି ଜିଲାରେ ୫୦୦୦ ହେକ୍ଟର ଓ ରବିରେ ୯୦୦୦ ହେକ୍ଟର ଚାଷ ଜମିରେ ପନିପରିବା ଚାଷ ହୋଇଥାଏ । ନଦୀ ନାଳ ପରିପୂର୍ଣ୍ଣ ଏହି ଜିଲାରେ ଉଦ୍ୟାନ କୃଷି ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହି ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପାଇଁ ନିର୍ବାଚିତ ଲୋକ ପ୍ରତିନିଧି ଓ ଜିଲା ପ୍ରଶାସନ ପକ୍ଷରୁ ନିୟମିତ ପ୍ରତିଶୃତି ମିଳୁଛି। କିନ୍ତୁ ସେସବୁ ପ୍ରତିଶୃତି ପାଲିଟିଛି ପାଣିର ଗାର। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଜିଲାରେ ଆଦୌ ଶୀତଳ ଭଣ୍ଡାର ନଥିବାରୁ ଚାଷୀ ମାନେ ନିଜର ପନିପରିବା ସଂରକ୍ଷିତ କରି ରଖି ପାରୁନାହାନ୍ତି। ଜିଲାର ତରଭା ବ୍ଲକରେ ପ୍ରଥମ ଶୀତଳ ଭଣ୍ଡାର ସ୍ଥାପନ ହେବ ବୋଲି କୁହାଗଲା। କିନ୍ତୁ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏହା ପ୍ରତିଷ୍ଠା ହୋଇ ପାରୁନି। ଏହା ଚାଷୀଙ୍କ ପାଇଁ ମରୀଚିକା ସଦୃଶ ହୋଇଛି। ଏଭଳି ସ୍ଥିତିରେ ଚାଷୀ ଘରର ପୁଅ ଚାଷ କାର୍ଯ୍ୟ ପ୍ରତି ବିମୁଖ ହେଉଛି ।

ଜିଲାରେ ସୋନପୁର, ବିନିକା, ତରଭା, ଉଲୁଣ୍ଡା ଓ ବୀରମହାରାଜପୁର ଭଳି ଅଣଜଳସେଚିତ ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ପୋଟଳ, ଟୋମାଟୋ, ବାଇଗଣ, ଝୁଡଙ୍ଗ, ଭେଣ୍ଡି, କାକୁଡି, କଲରା, ପିଆଜ, ରସୁଣ, ଆଳୁ, ଲଙ୍କା ଭଳି ପନିପରିବା ଚାଷ ହେଉଛି। ଚାଷ ପାଇଁ ଆବଶ୍ୟକ ଉର୍ବର ଚାଷ ଜମି ଓ ଜଳ ଉତ୍ସ ରହିଛି। ତେବେ ସରକାରଙ୍କ ପକ୍ଷରୁ ଯେତିକି ପ୍ରୋତ୍ସାହନ ମିଳିବା କଥା ତାହା ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ୨୦୧୪-୧୫ରେ ଆଳୁ ମିଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପିଆଜ ଚାଷକୁ ପ୍ରୋତ୍ସାହନ ମିଳିଥିଲା। କିନ୍ତୁ ଶୀତଳ ଭଣ୍ଡାର ନ ଥିବାରୁ ଉତ୍ପାଦିତ ପିଆଜ ଓ ଆଳୁ ଖରାରେ ପଚି ନଷ୍ଟ ହେଲା। ଚାଷୀ କମ୍‌ଦରରେ ବିକ୍ରି କରିବାକୁ ବାଧ ହେଲେ। ଗତ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଶାସକ ଦଳ ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହିଁ। ରାଜ୍ୟର ପ୍ରତି ବ୍ଲକରେ ସରକାରୀ-ଘରୋଇ ସହଭାଗିତା(ପିପିପି) ଦ୍ୱାରା ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି ବିଜେଡି ନିଜ ଇସ୍ତାହାରରେ ଉଲ୍ଲେଖ କରିଥିଲା। ହେଲେ ସବୁ ବ୍ଲକ ତ ଦୂରର କଥା ସୁବର୍ଣ୍ଣପୁର ଜିଲାରେ ଗୋଟିଏ ବି ଶୀତଳ ଭଣ୍ଡାର ପ୍ରତିଷ୍ଠା ହୋଇପାରିନି। ଜିଲାର ଡୁଙ୍ଗୁରିପାଲି ଆରଏମସି ପକ୍ଷରୁ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଉଦ୍ୟାନ ବିଭାଗ ପକ୍ଷରୁ ଏଥିପାଇଁ ସ୍ୱୀକୃତି ମିଳିଥିଲା। ତରଭାର ଗୋରାମହୁଲରେ ୫ଏକର ଜମି ଅଧିଗ୍ରହଣ ହେଲା। ଆରଏମସି ପକ୍ଷରୁ ଡିପିଆର ପ୍ରସ୍ତୁତ ହୋଇ ସରକାରଙ୍କୁ ପଠାଗଲା। ମାତ୍ର ସରକାର ଏଥିପ୍ରତି ଆଦୌ ଆଗ୍ରହ ଦେଖାଉ ନାହାନ୍ତି।

# ଉଜୁଡ଼ା ଜଙ୍ଗଲ ପୁନରୁଦ୍ଧାର ଚିନ୍ତା



ବିନିକା ବନାଞ୍ଚଳ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅଧିକାରୀ।

**ବିନିକା,୧୭।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବନାଞ୍ଚଳ କାର୍ଯ୍ୟାଳୟରେ ମଙ୍ଗଳବାର ବନସୁରକ୍ଷା ସମିତି ଏନିମେଟରଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରେଞ୍ଜର ଉମ୍ବରୁଧର ପଧାନଙ୍କ ସହ ବନାଞ୍ଚଳ ଅଧୀନ ୧୮ ଗ୍ରାମରେ ଥିବା ବନ ସୁରକ୍ଷା ସମିତିରୁ ଜଣେ ଏନ୍‌ଆରଏମ୍ ପୁରୁଷ ବର୍ଗୀୟ ଏନିମେଟର, ଜଣେ ଲେଖାଏ ଏଲ୍‌ଏଲ୍‌ଏଚ୍ ମହିଳା ଏନିମେଟର ବୈଠକ କରିଥିଲେ। ୧୮ ବନ ସୁରକ୍ଷା ସମିତିର ନିଜସ୍ୱ ଗୃହମାନ ନିର୍ମାଣ ସାରିଛି। ପ୍ରତ୍ୟେକ ସମିତିର କର୍ମକର୍ତ୍ତା ଓ ସଦସ୍ୟ ଚୟନ ହୋଇଛି । ଓଡିଶା ବନ ଉନ୍ନୟନ ପ୍ରକଳ୍ପ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅନେକ କାମ ବନସୁରକ୍ଷା ସମିତି ପକ୍ଷରୁ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ବନସୁରକ୍ଷା ସମିତି ମାଧ୍ୟମରେ ଉଜୁଡା ଜଙ୍ଗଲ ପୁନରୁଦ୍ଧାର ଏବଂ ଜୀବନ ଜୀବିକା ମିଶନ ଅଭିବଦ୍ଧି ଉପରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଥିବା ବୈଠକରେ କୁହାଯାଇଥିଲା। ଆଗକୁ ସମିତି ଦ୍ୱାରା କିଭଳି ଏହି ଉଦ୍ଦେଶ୍ୟ ପୂରଣ ହେବ ସେ ବିଷୟରେ ଏନିମେଟରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ଅବସରରେ ଏନିମେଟରମାନେ ପ୍ରଥମ ପର୍ଯ୍ୟାୟରେ ବନ ସୁରକ୍ଷା ସମିତର ବିଭିନ୍ନ ଉନ୍ନୟନ କାମର ତଥ୍ୟ ପ୍ରଦାନ କରିଥିଲେ। ବୈଠକରେ ବିନିକା ଓଡିଏଫ୍ ପାର୍ଟନର ଅଫ୍ ଏନଜୟ ତଥା ସବୁଜ ବିପ୍ଳବର ମୁଖ୍ୟ ପ୍ରଶାନ୍ତ ନାୟକ ଓ ତାଙ୍କର ଦୁଇଜଣ ସାଥୀ ଉପସ୍ଥିତ ଥିଲେ । ବୈଠକରେ ବିନିକା ବନ ସୁରକ୍ଷା ସମିତିର ୩୬ ଏନିମେଟର ଯୋଗ ଦେଇଥିଲେ ।

**ବନସୁରକ୍ଷା ସମିତି ଏନିମେଟରଙ୍କୁ ନେଇ ସମୀକ୍ଷା**

# ଶୀତଳ ଷଷ୍ଠୀ ପାଇଁ ଥାଳ ଉଠିଲା

**ସୋନପୁର,୧୭।୫(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କନ୍ୟାପକ୍ଷ ଓ ବରପକ୍ଷ ମାତାପିତା ଚୟନ ସରିଛି। ଭଗବତୀ ପ୍ଲଟର ଜାନକୀ ଓ କୃଷ୍ଣଚନ୍ଦ୍ର ମେହେର କନ୍ୟା ମାତାପିତା ଓ ବଡବଜାର ଅଞ୍ଚଳର ଜ୍ୟୋସ୍ନାମୟୀ ଓ ସନ୍ତୋଷ କୁମାର ମେହେର ବର ମାତାପିତାଭାବେ ଚୟନ ହୋଇଛନ୍ତି। ଆସନ୍ତା ଜୁନ୍ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଯାତ୍ରା ଅନୁଷ୍ଠିତ ହେବ। ପରମ୍ପରା ଅନୁସାରେ ସୋମବାର ରାତିରେ ଚନ୍ଦ୍ରଶେଖର ମନ୍ଦିରରୁ କନ୍ୟା ମାତାପିତା ଓ ବର ମାତାପିତାଙ୍କ ଉପସ୍ଥିତିରେ ଥାଳ ଉଠିଛି। ଗତ ୨ବର୍ଷ କୋଭିଡ୍ କଟକଣା ପାଇଁ କେବଳ ରୀତିନୀତିରେ ଯାତ୍ରା ସମ୍ପନ୍ନ ହେଉଥିଲା। ସରକାର କଟକଣା ହଟାଇ ଦେଇଥିବାରୁ ଚଳିତ ବର୍ଷ ସମାରୋହରେ ଶୀତଳ ଷଷ୍ଠୀ ମହୋତ୍ସବ ଆୟୋଜନ କରିବା ପାଇଁ ଯାତ୍ରା କମିଟି ଓ ଦେବୋତ୍ତର କମିଟି ପକ୍ଷରୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ତଥା ସାଂସ୍କୃତିକ ଦଳ ମାନଙ୍କୁ ନିମନ୍ତ୍ରଣ କରାଯିବ। କାର୍ଯ୍ୟକାରୀ କମିଟିର ସଭାପତି କିଶନଲାଲ ଅଗ୍ରୱାଲ, ସମ୍ପାଦକ ଗିରିଗୋବର୍ଦ୍ଧନ ଥନାପତି, ସଭ୍ୟ ପ୍ରମୋଦ ମହାପାତ୍ର, ରାମଶଙ୍କର ସାହୁ, ସୁକାନ୍ତ କୁମାର ସାହୁ, ରାଜୁ ରାଓ, ଜୟନାରାୟଣ ସାହୁ, ଲକ୍ଷ୍ମୀନାରାୟଣ ଥନାପତି, ସୁଦାମ ଥନାପତି, ସୁରେଶ ଚନ୍ଦ୍ର ବିଶ୍ୱାଳ, ବାଙ୍କା ବିହାରୀ ମହଲା, ରମେଶ ଥନାପତି, ସମରେଶ ଥନାପତି ଓ କେଦାରନାଥ ପୂଜାହାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୨ତାରିଖରେ ଦେବନିମନ୍ତ୍ରଣ କରାଯିବ। ୩ ତାରିଖରେ ସୁବର୍ଣ୍ଣ ନାଗ, ରୂପା ବିମାନ ଓ ଅଳଙ୍କାର ଟ୍ରେଜେରୀରୁ ବାହାରିବା ପରେ ଅଳଙ୍କାର ଧାରଣ କାର୍ଯ୍ୟକ୍ରମ ରହିଛି। ୪ ତାରିଖରେ ବରାନୁଗମନ ଓ ଶିବ ପାର୍ବତୀଙ୍କ ବିବାହ ହେବ। ୫ ତାରିଖରେ ଯୁଗଳ ମୂର୍ତ୍ତି ଦର୍ଶନ ଓ ବିଳମ୍ବିତ ରାତିରେ ଦେବଦମ୍ପତି ଗଣ୍ଡୁଆଳ ହୋଇ ନଗର ପରିକ୍ରମା ପୂର୍ବକ ଗୃହ ପ୍ରତ୍ୟାବର୍ତ୍ତନରେ ବାହାରିବେ। ଶୋଭାଯାତ୍ରାରେ ମେଲୋଡି, ଘଣ୍ଟବାଦ୍ୟ, ଘୋଡାନାଚ ଓ ସଂକୀର୍ତ୍ତନ୍ୟ ଆଦି ପ୍ରଦର୍ଶିତ ହେବ। ଯାତ୍ରା ଅବସରରେ ୧୦୮ ଭରି ବିଶିଷ୍ଟ ସୁବର୍ଣ୍ଣ ନାଗ ପ୍ରତିମା ବର ବେଶରେ ରୂପା ବିମାନରେ ବିଜେ ହେବେ। ସୋନପୁରର ଅଷ୍ଟ ବିଷ୍ଣୁ ଓ ଅଷ୍ଟ ଶମ୍ଭୁ ଶୋଭାଯାତ୍ରାରେ ନଗର ପରିକ୍ରମା କରିବେ। ଏଠାକାର ଶୀତଳ ଷଷ୍ଠୀ ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ।



ସୋନପୁର ଚନ୍ଦ୍ରଶେଖର ମନ୍ଦିରରେ ଅନୁଷ୍ଠିତ ଥାଳ ଉଠା କାର୍ଯ୍ୟକ୍ରମ।

**ମାତାପିତା ଚୟନ ସରିଲା**

# ଅତାବିରା ମାର୍କେଟ ପରିଦର୍ଶନ କଲେ ଜିଲାପାଳ

**ଜାମଟିକ୍ରା, ୧୭।୫(ଡି.ଏନ.ଏ)**

ବରଗଡ ଜିଲାପାଳ ମୋନିଷା ବାନାର୍ଜୀ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅତାବିରା ମାର୍କେଟ ପରିଦର୍ଶନ କରିଥିଲେ। ସେଠାରେ ଧାନସଂଗ୍ରହ ପ୍ରକ୍ରିୟା ଉପରେ ସେ ମାର୍କେଟ ସମ୍ପାଦକ ପ୍ରଦୀପ ବେସନଙ୍କୁ ପଚାରି ବୁଝିଥିଲେ। ଏହାସହ ଜିଲାପାଳ ଧାନ ସଂଗ୍ରହ କରି ରଖାଯାଉଥିବା ସ୍ଥାନଗୁଡିକୁ ବୁଲି ଦେଖିଥିଲେ। ଏପର୍ଯ୍ୟନ୍ତ ୯୩ ଜଣ ଚାଷୀଙ୍କ ଧାନ ସଂଗ୍ରହ କରାଯାଇଛି। ତେବେ ଏହି ଚାଷୀଙ୍କ ଧାନ ସଂଗ୍ରହ ନମୁନା କାହିଁକି ରଖାଯାଇନାହିଁ ବୋଲି ମାର୍କେଟ ଇନଚାର୍ଜ ଅଜୟ ବେହେରା ଓ ସମ୍ପାଦକ ବେସନଙ୍କୁ ଜିଲାପାଳ ପଚାରିଥିଲେ। ଉଭୟ ଅଧିକାରୀ ଏ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ତେଣୁ ଉଭୟଙ୍କୁ କାରଣଦର୍ଶାଅ ନୋଟିସ ଜାରି କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଏସ୍‌ଇଏସ୍‌ଓ ସଞ୍ଜୁ ପଧାନ, ବ୍ଲକ ଯୋଗାଣ ନିରୀକ୍ଷିକ ରଞ୍ଜନ ନାୟକ, ଗୋପିନାଥ ନାୟାର, ବାପି ମହାକୁର ପ୍ରମୁଖ ଉପସ୍ଥିତ ଥିଲେ।

# ୭୫ଅଭିଯୋଗର ଶୁଣାଣି କଲେ ଜିଲାପାଳ




ଜନଶୁଣାଣିରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

**ତରଭା, ୧୭।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ସଭାଗୃହରେ ମଙ୍ଗଳବାର ଜିଲାପାଳଙ୍କ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୫ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୫୫ ନିଜସ୍ୱ, ୨୦ ସାମଗ୍ରିକ ଅଭିଯୋଗ ଥିଲା। ତନ୍ମଧ୍ୟରୁ ତୁରନ୍ତ ୩୯ଟି ମାମଲାର ଶୁଣାଣି ଜିଲାପାଳ ଆବୋଲି ସୁନିଲ ନାରୱେଣଙ୍କ ଉପସ୍ଥିତିରେ ସମାଧାନ କରାଯାଇଥିଲା। ଶିବିରରେ ଏସ୍‌ପି ଅମରେଶ କୁମାର ପଣ୍ଡା, ଉପଜିଲାପାଳ ନିହାର ରଞ୍ଜନ କହଁର, ବିଡିଓ ବିନୟ କୁମାର ପଟେଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କମ୍ପ, ତରଭା ଏନଏସି. ଅଧ୍ୟକ୍ଷା ବନ୍ଦିତା ନାୟକ, ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଓ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରୀଛାତ୍ର ପୁରସ୍କୃତ

**ତରଭା, ୧୭।୫(ଡି. ଏନ. ଏ.)**

ସୁବର୍ଣ୍ଣପୁର ଜିଲା ତରଭାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ୨୦୨୧-୨୨ଶିକ୍ଷାବର୍ଷରେ ପ୍ରତ୍ୟେକ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ବିଦ୍ୟାଳୟ ଅଧକ୍ଷ ଜୟରାମ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତରଭା ବିଡିଓ ବିନୟ କୁମାର ପଟେଲ, ସମ୍ମାନିତ ଅତିଥିଭାବେ ଅକ୍ଷୟ କୁମାର ବାଗ, ଅନ୍ତର୍ଯ୍ୟାମୀ ସାହୁ, ରାଜକୁମାର ମହଣା, ରାଜେଶ କୁମାର ମେହେର, ମାନଭଞ୍ଜନ ମିଶ୍ର ମଞ୍ଚାସୀନ ଥିଲେ। ଅନୁଜା ଗିରି ମଞ୍ଚ ପରିଚାଳନା କରିଥିଲେ। ୨୦୨୨ ବାର୍ଷିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଷଷ୍ଠରୁ ଏକାଦଶ ଶ୍ରେଣୀ ଯାଏ ପ୍ରତ୍ୟେକ ଶ୍ରେଣୀର ପ୍ରଥମ, ଦ୍ୱିତୀୟ, ତୃତୀୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୁମେଧା ମିଶ୍ର ସମସ୍ତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଧିକ ନମ୍ବର ରଖିଥିବାରୁ ତାଙ୍କୁ ବିଦ୍ୟାଳୟ ଟପ୍ପର ଘୋଷଣା କରାଯାଇଥିଲା। ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ବିଦ୍ୟାଳୟ ଉପାଧ୍ୟକ୍ଷ ସି.ଶିବିରାମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।



ଶିକ୍ଷୟିତ୍ରୀଶିକ୍ଷକ, ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

# ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରପାଲି,୧୭।୫(ଡି.ଏନ.ଏ.)**

ବରଗଡ ଜିଲା ବରପାଲି ବ୍ଲକ ଆଗଲପୁର ଉଚ୍ଚ ବିଦ୍ୟାଳୟଠାରେ ଖେଳ ଶିକ୍ଷକ ପ୍ରକାଶ ସାହୁଙ୍କୁ ମଙ୍ଗଳବାର ସ୍କୁଲ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଗୋପୀନାଥ ଭୋଇଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଜଗଦୀଶ ସଭା ପରିଚାଳନା କରିଥିଲେ। ସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ, ପରିଚାଳନା କମିଟି ଓ ଶିକ୍ଷକ ବିଜୟ ମିଶ୍ର, ସଦାନନ୍ଦ ପଧାନ, କୁଞ୍ଜ ସାହୁ, ଫଗୁଣୁ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଖଗେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଜି ମାରିଲେ ବୀରମହାରାଜପୁରର ଏହେସାସ

**ଅମରପାଲି,୧୭।୫(ଡି.ଏନ.ଏ)**

ବାଜି ମାରିଲେ ବୀରମହାରାଜପୁରର ମଲ୍ଟି ଟ୍ୟାଲେଣ୍ଟ ଯୁବକ ଏହେସାସ ହୋତା । କେତେବେଳେ ଟାଏକୋଣ୍ଡୋ କ୍ରୀଡାରେ ଚମତ୍କାରିତା ତ, ଆଉ କେତେବେଳେ ଯାଦୁଗରି ବିଦ୍ୟାକୁ ନେଇ ସେ ଅସିଥାନ୍ତି ଚର୍ଚ୍ଚାକୁ। ହେଲେ ଏଥର କିଛି ଭିନ୍ନକରି ପୁଣି ଚର୍ଚ୍ଚାକୁ ଆସିଛନ୍ତି ଏହେସାସ। ଜି ସାର୍ଥକ ଦ୍ୱାରା ଅନୁଷ୍ଠିତ ମେଗା ରିୟାଲିଟି ଶୋ ପ୍ରତିଭାର ଦାଦାଗିରି କାର୍ଯ୍ୟକ୍ରମରେ ଭାଗନେଇ ଏବେ ସମସ୍ତଙ୍କୁ ପଛରେ ପକାଇଦେଇଛନ୍ତି। କଟକର ଜଗତପୁରଠାରେ ଆୟୋଜିତ ଏହି ମେଗା ରିୟାଲିଟି ଶୋର ଗ୍ରାଣ୍ଡ ଫିନାଲକୁ ପ୍ରବେଶ କରିବା ସହ ସେଥିରେ ସେ ଉଇନର ହୋଇଛନ୍ତି। ମେଗା ରିୟାଲିଟି ଶୋ ପ୍ରତିଭାର ଦାଦାଗିରି ଟ୍ୟାଲେଣ୍ଟ ଷ୍ଟୋରୀ କଣ୍ଟେଷ୍ଟରେ ସେ ଉଇନର ହୋଇଥିବାବେଳେ ଦାଦାଗିରି ପ୍ରତିଯୋଗିତାରେ ରନର୍ସ ଅପ ହୋଇଛନ୍ତି। ଜଗତପୁରସ୍ଥିତ ଷ୍ଟୁଡିଓରେ ଏହି କାର୍ଯ୍ୟକ୍ରମ ଅବସରରେ ପ୍ରଖ୍ୟାତ ସିନେ ତାରକା ତଥା କାର୍ଯ୍ୟକ୍ରମ ସଂଯୋଜକ ସିଦ୍ଧାନ୍ତ ମହାପାତ୍ରଙ୍କ ହାତରୁ ପୁରସ୍କାର ଗ୍ରହଣ କରିଛନ୍ତି ଏହେସାସ ।



ଏହେସାସ ହୋତା ପୁରସ୍କୃତ ହେଉଛନ୍ତି।

# ମୁଣ୍ଡ ଫଟା ଖରାରେ ପରିବା ବିକୁଛନ୍ତି ବ୍ୟବସାୟୀ

**ବୌଦ୍ଧ,୧୭।୫ (ସ୍ୱ.ପ୍ର.)**

ଗତ କିଛି ଦିନ ହେବ ବୌଦ୍ଧ ଜିଲାରେ ଅସହ୍ୟ ଗରମ ସାଙ୍ଗକୁ ଗୁଳଗୁଳି ଅନୁଭୂତ ହେଉଛି। ସକାଳ ୯ଟା ହେଲେ ଘରୁ ବାହାରିବା କଷ୍ଟକର ହୋଇପଡିଛି। ତେବେ ମୁଣ୍ଡ ଫଟା ଖରାରେ ସହରର ମୁଖ୍ୟସ୍ଥଳ ବୁଦ୍ଧଦେବ ପଡିଆରେ ପ୍ରତିଦିନ ଚାଷୀ ଓ ପରିବା ବ୍ୟବସାୟୀ ଖୋଲା ଆକାଶ ତଳେ ବସି ପରିବା ବିକୁଛନ୍ତି । ପ୍ରଶାସନ ପକ୍ଷରୁ ଏମାନଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା କରାଯାଇନାହିଁ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ନିହାତି ଜରୁରୀ କାମ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଉଛି। ଅଥଚ ପେଟପାଟଣା ପାଇଁ ଖରାରେ ପରିବା ବିକୁଥିବା ବ୍ୟବସାୟୀଙ୍କ ପ୍ରତି ନଜର ନାହିଁ । ଛାଇ ତଳେ ବସି ପରିବା ବିକ୍ରିର ସୁବିଧା ନ ଥିବାରୁ ଖରାରେ ସେମାନଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଛି । ଖାଉଟିମାନେ ମଧ ଟାଣ ଖରାରେ ବୁଲି ବୁଲି ପରିବା କିଣୁଛନ୍ତି । ପୂର୍ବରୁ ଭୈରବୀ ଛକଠାରୁ ପୋଲିସ ଥାନା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଦୈନିକ ପରିବା ବଜାର ବସୁଥିଲା। ବ୍ୟବସାୟୀମାନେ ଖରା ବର୍ଷାରେ ରାସ୍ତା କଡରେ ନିଜର ପସରା ମେଲାଇ ବ୍ୟବସାୟ କରୁଥିଲେ। ମାତ୍ର ସେହି ରାସ୍ତା ଦେଇ ଚଳପ୍ରଚଳ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ୨୦୨୦ରେ ସାରା ଦେଶରେ କୋଭିଡ ମହାମାରୀ ଯୋଗୁ ଜିଲା ପ୍ରଶାସନ ଓ ବୌଦ୍ଧଗଡ ଏନଏସି ପକ୍ଷରୁ କୋଭିଡ ସଂକ୍ରମଣ ଆଶଙ୍କା କରି ସହରର ରାଜବାଟୀ ନିକଟ ବୁଦ୍ଧଦେବ ପଡିଆ,ବସଷ୍ଟାଣ୍ଡ, ମାଳିସାହି, ଗାନ୍ଧୀଛକ, ବୁଟୁପାଲି, ଜଗନ୍ନାଥ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ଭାବରେ ଦୈନିକ ପରିବା ବଜାର ବସା ଯାଉଥିଲା । ପରବର୍ତ୍ତୀ ସମୟରେ କୋଭିଡ କଟକଣା କୋହଳ ହେବା ପରେ ସହରର ବୁଦ୍ଧଦେବ ପଡିଆ ଓ ମାଳିସାହିଠାରେ ୫୭ ନମ୍ବର ଜାତୀୟ ରାଜପଥ କଡରେ ଦୈନିକ ପରିବା ବଜାର ବସୁଛି । ହେଲେ ଏହି ସ୍ଥାନରେ ଅନେକ ସମସ୍ୟା ରହିଥିବା ବ୍ୟବସାୟୀମାନେ ଅଭିଯୋଗ କରୁଛନ୍ତି । ବ୍ୟବସାୟୀମାନେ ଏବେ ଟାଣ ଖରାରେ ବସି ବିକ୍ରି କରୁଥିବା ବେଳେ ବର୍ଷା ଋତୁ ଆସିଲେ ଜିନିଷ ରଖିବା ଓ ଆଶ୍ରୟ ନେବା ପାଇଁ ବ୍ୟବସ୍ଥା ନ ଥିବା ଯୋଗୁ କ'ଣ କରିବେ ଚିନ୍ତାରେ ପଡି ଯାଇଛନ୍ତି । ବର୍ଷା ହେଲେ ବାଧ ହୋଇ ଉଠାଦୋକାନୀମାନଙ୍କୁ ଭିଜିବାକୁ ପଡୁଛି । ଗତ ୬ ତାରିଖ ଦିନ ଏହାର ସ୍ଥାୟୀ ସମାଧାନ ପାଇଁ ଉଠାଦୋକାନୀ ସଂଘ ଓ ଏନଏସି ମଧ୍ୟରେ ଆଲୋଚନା ହୋଇଥିଲା । ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯିବାକୁ ଆଲୋଚନା ହୋଇ ଏକ କମିଟି ଗଠନ କରାଯାଇଥିବା ଜଣାପଡିଛି।



ଖୋଲା ଆକାଶ ତଳେ ପରିବା ବ୍ୟବସାୟୀ।

**ପ୍ରଶାସନ ନୀରବ ଦ୍ରଷ୍ଟା**